# ପ୍ରଦେଶ ବାର୍ତ୍ତା

pradeshbartta.in

PRADESH BARTTA

PRGI Regd. No. ORORI/26/A2339

Odia Monthly

ବର୍ଷ - ୧, ସଂଖ୍ୟା-୩, ଅଗଷ୍ଟ ୧ - ଅଗଷ୍ଟ ୩୧, ୨୦୨୬, ଓଡ଼ିଆ ମାସିକ, ବାଲେଶ୍ୱର, ପୃଷ୍ଠା - ୮,ମୂଲ୍ୟ - ୫ ଟଙ୍କା

Vol.1, Issue-3, August 1 - August 31, 2026, Monthly, Baleshwar, Pages-8, Price-Rs.5.00


ଭିତରେ...


ରାଜନୈତିକ ଓ ସ୍ୱାର୍ଥପରତା

ଶସ୍ତା ବନ୍ଧୁକ ବାଲେଶ୍ୱରରେ ବଢ଼ାଉଛି ଅପରାଧ

ମୃତ ବ୍ୟକ୍ତି ନାଁରେ ଶ୍ରମ କାର୍ଡ କରି ହରିଲୁଟ୍

ସୁବର୍ଣ୍ଣରେଖା ଉଜାଡୁଛି ଜୀବନ ଜୀବିକା

ବିନା ଯାଂଚରେ ବୁଲୁଛି ସିଲିଣ୍ଡର

ଅଚଳ ସ୍ମାର୍ଟବୋର୍ଡ,ଶିକ୍ଷକବିହୀନ କମ୍ପ୍ୟୁଟର ଲ୍ୟାବ୍


### ବହି ଛପାରେ ୨୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି

## ଫେରାର ହୋଇଗଲେ ପ୍ରେସ୍ ମାଲିକ

**ଭୁବନେଶ୍ୱର/କଟକ:** ରାଜ୍ୟରେ ବହୁଚର୍ଚ୍ଚିତ ପାଠ୍ୟପୁସ୍ତକ ତ୍ରୁଟି ଓ ଛପା ଦୁର୍ନୀତି ପ୍ରସଙ୍ଗରେ ଏବେ ଏକ ବଡ଼ ଧରଣର ଆର୍ଥିକ ହେରଫେରର ଗନ୍ଧ ବାରିଛି କ୍ରାଇମବ୍ରାଞ୍ଚ। ପ୍ରାଥମିକ ତଦନ୍ତରୁ ଏହି ବହି ଛପା କାର୍ଯ୍ୟରେ ପ୍ରାୟ ୨୦ କୋଟିରୁ ଅଧିକ ଟଙ୍କାର ବ୍ୟାପକ ଅନିୟମିତତା ହୋଇଥିବା ନେଇ ତଦନ୍ତକାରୀ ସଂସ୍ଥାକୁ ବଳିଷ୍ଠ ସୁରାକ ମିଳିଛି। କେବଳ ସରକାରୀ ବାବୁ ନୁହଁନ୍ତି, ଏହି ମହାଦୁର୍ନୀତିରେ ଘରୋଇ ପ୍ରିଣ୍ଟିଂ ପ୍ରେସ୍ ମାଲିକମାନଙ୍କର ମଧ୍ୟ ସିଧାସଳଖ ସମ୍ପୃକ୍ତି ଥିବା ସ୍ପଷ୍ଟ ହୋଇଛି, ଯାହା ଫଳରେ ସ୍କାନରରେ ଥିବା କଟକର ଦୁଇ ପ୍ରେସ୍ ମାଲିକ ଏବେ ଗିରଫଦାରୀ ଭୟରେ ରାଜ୍ୟ ବାହାରକୁ ଫେରାର ହୋଇଯାଇଛନ୍ତି।

କ୍ରାଇମବ୍ରାଞ୍ଚ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କାଗଜ କ୍ରୟ, ପ୍ରିଣ୍ଟିଂ ଏବଂ ପରିବହନ ବାବଦକୁ ମୋଟ ୧୭୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା କାଗଜପତ୍ରରେ ଦର୍ଶାଯାଇଛି। ତେବେ ଏହାର ଆମୂଳଚୂଳ ହିସାବ ନିକାଶ ବା ଅଡିଟ୍ ହେଲେ ଆହୁରି ବଡ଼ ଧରଣର ଆର୍ଥିକ ଅନିୟମିତତା ପଦାକୁ ଆସିବା ନିଶ୍ଚିତ ବୋଲି ମନେ କରାଯାଉଛି। ଏହି ଘଟଣାରେ ସମ୍ପୃକ୍ତ ଥିବା କଟକର ଦୁଇଟି ଘରୋଇ ପ୍ରିଣ୍ଟିଂ ପ୍ରେସ୍- 'ଜଗନ୍ନାଥ ପ୍ରୋସେସ୍' ଏବଂ 'ନୀଳକଣ୍ଠ ପ୍ରିଣ୍ଟର୍ସ'ର ମାଲିକମାନଙ୍କର କୌଣସି ପତ୍ତା ମିଳୁନାହିଁ। ସେମାନଙ୍କୁ ଧରିବା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଖୋଜାଖୋଜି ଆରମ୍ଭ ହୋଇଛି।

ଅନ୍ୟପକ୍ଷରେ ଗିରଫଦାରୀ ଏଡ଼ାଇବା ପାଇଁ ଉଭୟ ପ୍ରେସ୍ ମାଲିକ ଓ ଏସସିଇଆରଟି ର ୪ ଜଣ ସହକାରୀ ନିର୍ଦ୍ଦେଶକ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ଏହି ଅଧିକାରୀମାନେ ହେଲେ- ପ୍ରଲିପ୍ତା ମିଶ୍ର, ଦିଲ୍ଲୀପ କୁମାର ସାହୁ, କିଶୋର କୁମାର କର ଏବଂ ଭାରତୀ ଟୁଡୁ। ଉଲ୍ଲେଖଯୋଗ୍ୟ ଯେ, ଗିରଫ ହୋଇଥିବା ଏସସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କ ସମେତ ଏହି ୪ ସହକାରୀ ନିର୍ଦ୍ଦେଶକଙ୍କ ନାମରେ କ୍ରାଇମବ୍ରାଞ୍ଚ ପୂର୍ବରୁ ଏତଲା ରୁଜୁ କରିସାରିଛି। ଖୁବଶୀଘ୍ର ଅଦାଲତରେ ଏହି ଜାମିନ ଆବେଦନଗୁଡ଼ିକର ଶୁଣାଣି ହେବାର ଅଛି।

ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ତଳୁ ଉପର ଯାଏଁ ଅନେକ ସରକାରୀ ଅଧିକାରୀ କୋଟି କୋଟି ଟଙ୍କାର ହେରଫେରରେ ସାମିଲ ରହି ବହିର ବ୍ୟାପକ ତ୍ରୁଟିକୁ ଆଖିବୁଜି ମଞ୍ଜୁରୀ ଦେଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତତ୍କାଳୀନ ଏସସିଇଆରଟି ନିର୍ଦ୍ଦେଶକ ମନୋଜ ପାଢ଼ୀ ମୂଳ ପାଣ୍ଡୁଲିପିରେ ଥିବା ସହସ୍ରାଧିକ ତ୍ରୁଟି ସମ୍ପର୍କରେ ସମ୍ପୂର୍ଣ୍ଣ ଅବଗତ ଥିଲେ ବି ତ୍ରୁଟି ସଂଶୋଧନ ପରିବର୍ତ୍ତେ ଭୁଲ୍ ପାଣ୍ଡୁଲିପି ଛାପିବାକୁ ସେ ସିଧାସଳଖ ଅନୁମତି ଦେଇଥିଲେ। ଆଗାମୀ ଦିନରେ ଏହି ଘଟଣାର ଚେର କେତେ ବାଟ ଲମ୍ବିଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

### ରାତି ଅଧିଆ 'ରିଲ୍' ବଦଳାଇଦେଲା ସମ୍ପର୍କ

# 'ମିତ୍ରୋଁ' ରୁ 'ଫ୍ରେଣ୍ଡସ୍'



**ନୂଆଦିଲ୍ଲୀ:** ୨୦୨୬ ମସିହା ଜୁଲାଇ ୨୩-୨୪ ତାରିଖ ମଧ୍ୟରାତ୍ରି। ଦେଶବାସୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏକ ସମ୍ପୂର୍ଣ୍ଣ ଭିନ୍ନ ଅବତାରରେ ଦେଖିବାକୁ ପାଇଲେ । କୌଣସି ବିଶାଳ ନିର୍ବାଚନୀ ଜନସଭାରେ ଗର୍ଜନ କରୁଥିବା ବା ଟେଲିପ୍ରମ୍ପଟର ସାହାଯ୍ୟରେ ଦମ୍ଭୋକ୍ତି ପ୍ରକାଶ କରୁଥିବା ମୋଦୀ ନଥିଲେ, ବରଂ ଇନଷ୍ଟାଗ୍ରାମର ଏକ ଭର୍ଟିକାଲ୍ ଫ୍ରେମରେ, କମ୍ ଆଲୁଅ ଓ ଥକ୍କାପଣ ଭରା ମୁହଁରେ ସେ ନଜର ଆସିଲେ । ସବୁଠାରୁ ଆଶ୍ଚର୍ଯ୍ୟର କଥା ଥିଲା ତାଙ୍କର ସମ୍ବୋଧନ । ସବୁବେଳେ 'ମିତ୍ରୋଁ' କହୁଥିବା ପ୍ରଧାନମନ୍ତ୍ରୀ ଏଥର ଏକ ନୂଆ ଶବ୍ଦ ବ୍ୟବହାର କରିଥିଲେ- 'ଫ୍ରେଣ୍ଡସ୍' ବା ସାଙ୍ଗମାନେ । ଭବିଷ୍ୟତର ଇତିହାସକାରମାନେ ଯେତେବେଳେ ମୋଦୀଙ୍କ ଶାସନ କାଳକୁ ଅନୁଧ୍ୟାନ କରିବେ, ସେତେବେଳେ ଏହି ଘଟଣାକୁ ନିଶ୍ଚିତ ରୂପେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଭାବେ ଗ୍ରହଣ କରିବେ । ଏହି ଗୋଟିଏ ଶବ୍ଦ ପ୍ରମାଣିତ କରୁଥିଲା ଯେ, କିପରି ଦେଶର ଛାତ୍ରସମାଜ ଏକ 'ନଶୁଣୁଥିବା' ପ୍ରଧାନମନ୍ତ୍ରୀଙ୍କୁ ଶୁଣିବା ପାଇଁ ବାଧ୍ୟ କରିଛନ୍ତି। ଏହି ଇନଷ୍ଟା ରିଲ୍‌ର ଠିକ୍ ଦୁଇ ଦିନ ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଏହାର ସବୁଠାରୁ ବଡ଼ ପ୍ରମାଣ ଥିଲା ।

ମୋଦୀ ସରକାର କାହିଁକି ଏତେ ଦିନ ଅପେକ୍ଷା କଲେ ? ତାହା ଏବେ ସବୁଠୁ ବଡ଼ ପ୍ରଶ୍ନ । ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ମାମଲାକୁ ନେଇ କିଛି ସପ୍ତାହ ଧରି ନୂଆଦିଲ୍ଲୀର ଯନ୍ତରମନ୍ତର ସମେତ ସାରା ଦେଶରେ 'କକ୍ରୋଚ୍ ଜନତା ପାର୍ଟି' ନେତୃତ୍ୱରେ ଛାତ୍ରମାନେ ଆନ୍ଦୋଳନ ଚଳାଇଥିଲେ । ସେମାନଙ୍କର ଗୋଟିଏ ଦାବି ଥିଲା- ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଏବଂ ଗଣତାନ୍ତ୍ରିକ ଉତ୍ତରଦାୟିତ୍ୱ । ଅନ୍ୟପକ୍ଷରେ ଲଦାଖର ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍ ନିଜ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ସତ୍ତ୍ୱେ ଆମରଣ ଅନଶନ ଜାରି ରଖିଥିଲେ । କିନ୍ତୁ ପ୍ରଥମେ ପ୍ରଧାନମନ୍ତ୍ରୀ ନିଜର ଅହଂକାରୀ ନୀରବତା ବଜାୟ ରଖିଥିଲେ । ପରୀକ୍ଷା ବିଭ୍ରାଟରେ ନିରାଶ ହୋଇ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ପାଇଁ ତାଙ୍କ ପାଖରେ ପଦେ ବି ସମବେଦନା ନଥିଲା । ପରିସ୍ଥିତି ସେତେବେଳେ ବଦଳିଲା ଯେବେ ଜୁଲାଇ ୨୦ ତାରିଖରେ ହଜାର ହଜାର ଛାତ୍ର ଓ ଯୁବକ ସଂସଦ ଭବନ ଆଡ଼କୁ ଶୋଭାଯାତ୍ରା କଲେ । ସେମାନଙ୍କୁ ଅଟକାଇବାକୁ ପୋଲିସ ଲାଠିଚାର୍ଜ, ଲୁହବୁହା ଗ୍ୟାସ୍ ଏବଂ ପେଲେଟ୍ ଗନ୍ ଭଳି ଅତ୍ୟଧିକ ବଳପ୍ରୟୋଗ କଲା । ବିହାରରେ ଏକେ-୪୭ ରାଇଫଲ୍‌ରୁ ଗୁଳିଚାଳନା ହୋଇଥିବା ଖବର ମଧ୍ୟ ସାମ୍ନାକୁ ଆସିଲା । ତଥାପି ଏହି ଯୁବଗୋଷ୍ଠୀ ଭୟଭୀତ ହୋଇନଥିଲେ । ଶେଷରେ ସରକାରଙ୍କ ସପକ୍ଷବାଦୀ ଗଣମାଧ୍ୟମ ମଧ୍ୟ ଏହି ବିଶାଳ ଆନ୍ଦୋଳନକୁ ଦେଖାଇବାକୁ ବାଧ୍ୟ ହେଲେ ।

ଏଥିରେ ଛାନିଆ ହୋଇପଡ଼ିଥିବା ମୋଦୀ ସରକାର ପଛଘୁଞ୍ଚା ଦେଇ ଆଲୋଚନା ପାଇଁ ବାଟ ଖୋଜିଥିଲେ। କିନ୍ତୁ ନିଜ ଅଭ୍ୟାସ ଅନୁଯାୟୀ, ଗୁଜରାଟର 'ଯୋଡ଼ି ନମ୍ବର ୧' (ମୋଦୀ ଓ ଅମିତ ଶାହା) ସିଧାସଳଖ ସାମ୍ନାକୁ ନଆସି, ଜେ.ପି. ନଡ୍ଡା ଏବଂ ଜିତେନ୍ଦ୍ର ସିଂହଙ୍କୁ ଆଲୋଚନା ପାଇଁ ପଠାଇଥିଲେ । କୌଣସି ଆନ୍ଦୋଳନକୁ ଗଣତନ୍ତ୍ରର ଅଂଶ ନଭାବି ସେମାନେ ଏହାକୁ ଏକ 'ଷଡ଼ଯନ୍ତ୍ର' ବୋଲି ଧରିନିଅନ୍ତି । ପୂର୍ବରୁ କୃଷକ ଆନ୍ଦୋଳନ ସମୟରେ କୃଷକଙ୍କୁ 'ଆନ୍ଦୋଳନଜୀବୀ' କହିବା ହେଉ କିମ୍ବା ମହିଳା କୁସ୍ତିଯୋଦ୍ଧାଙ୍କୁ ଦିଲ୍ଲୀ ରାସ୍ତାରେ ଘୋଷାଡ଼ିବା ଘଟଣା- ସବୁଥିରେ ସରକାରଙ୍କ ସମାନ ଆଭିମୁଖ୍ୟ ଦେଖିବାକୁ ମିଳିଛି । ସିଏଏ ଠାରୁ ଆରମ୍ଭ କରି ମଣିପୁର ହିଂସା ପର୍ଯ୍ୟନ୍ତ- ବିରୋଧୀ ସ୍ୱରକୁ 'ଖାଲିସ୍ତାନୀ', 'ଦେଶଦ୍ରୋହୀ', 'ଜିହାଦୀ' କିମ୍ବା 'ଅର୍ବାନ ନକ୍ସଲ' ଆଖ୍ୟା ଦେଇ ଅଣଦେଖା କରିଦିଆଯାଏ । ଥରେ ଜଣେ କେନ୍ଦ୍ରମନ୍ତ୍ରୀ ଦମ୍ଭର ସହ କହିଥିଲେ, 'ଆମ ସରକାରରେ ଇସ୍ତଫା ଦିଆଯାଏ ନାହିଁ।' କିନ୍ତୁ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପ୍ରମାଣ କଲା ଯେ ଅସଲି କ୍ଷମତା ଆଜି ବି ଜନତାଙ୍କ ପାଖରେ ରହିଛି ।

ଏହି ଆନ୍ଦୋଳନ ଅନେକ ଦୃଷ୍ଟିରୁ ସ୍ୱତନ୍ତ୍ର ଥିଲା । ଏହା ଯୁବକମାନଙ୍କର ଶକ୍ତି ଏବଂ ସତ୍ୟର ତାକତକୁ ଏକାଠି କରିଥିଲା । ସବୁଠାରୁ ବଡ଼ କଥା ଥିଲା, ଏଥର ପ୍ରଧାନମନ୍ତ୍ରୀ ନ୍ୟାରେଟିଭ୍ (ବିମର୍ଶ) କୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିଲେ । ଗତ ୧୨ ବର୍ଷ ଧରି ମୋଦୀଙ୍କ ଯୋଗାଯୋଗ ବ୍ୟବସ୍ଥା ଏକତରଫା ଥିଲା- କେବଳ 'ମନ କି ବାତ୍' ଓ ସ୍କ୍ରିପଟ୍ଟେଡ୍ ଇଭେଣ୍ଟ ମାଧ୍ୟମରେ ସେ କଥା ରଖୁଥିଲେ। କିନ୍ତୁ ଦେଶର ଯୁବବର୍ଗ ଇନଷ୍ଟାଗ୍ରାମ ଜରିଆରେ ନୂଆ ବିପ୍ଳବ ଆଣିଲେ । ରିଲ୍ସ, ମେମ୍ସ ଓ ବ୍ୟଙ୍ଗ ମାଧ୍ୟମରେ ସେମାନେ ପ୍ରଚାରକୁ ଧୂଳିସାତ୍ କରିଦେଲେ । ସେମାନଙ୍କର ମୋବାଇଲ୍ ଫୋନ୍ ପାଲଟିଲା ନ୍ୟୁଜ୍ ଷ୍ଟୁଡିଓ ଏବଂ ସୋସିଆଲ ମିଡିଆ ଫିଡ୍ ପାଲଟିଲା ମୁକ୍ତ ବିଚାର ମଞ୍ଚ । ଗଣମାଧ୍ୟମର ସାହାଯ୍ୟ ବିନା ସେମାନେ ନିଜର ସ୍ୱରକୁ ସାରା ଦେଶରେ ପହଞ୍ଚାଇ ପାରିଲେ।

ସେଥିପାଇଁ ମୋଦୀଙ୍କ ଜୁଲାଇ ୨୩ର ମଧ୍ୟରାତ୍ରି ଇନଷ୍ଟାଗ୍ରାମ ରିଲ୍ ରାଜନୈତିକ ଇତିହାସରେ ଲିପିବଦ୍ଧ ହୋଇ ରହିବ । ସେହି ରାତିରେ ପ୍ରମାଣିତ ହେଲା ଯେ, ଦୀର୍ଘ ଦଶନ୍ଧି ଧରି ମାଇକ୍ରୋଫୋନକୁ ଏକଚାଟିଆ ଭାବେ ନିଜ କବଜାରେ ରଖିଥିବା ନେତା ଆଜିର ଯୁବପିଢ଼ିର ମିଡିଆ ଇକୋସିଷ୍ଟମକୁ ଆଉ ନିୟନ୍ତ୍ରଣ କରିପାରିବେ ନାହିଁ । ଇଡି ବା ଅନ୍ୟ ସଂସ୍ଥା ଲଗାଇ ରାଜନୈତିକ ବିରୋଧୀଙ୍କୁ ଡରାଇ ଦିଆଯାଇପାରେ, କିନ୍ତୁ ଦେଶର ଯୁବବର୍ଗଙ୍କୁ ନୁହେଁ । ସିଜେପି ନେତୃତ୍ୱରେ ହୋଇଥିବା ଛାତ୍ର ଆନ୍ଦୋଳନର ବିଜୟ- ଭୟ ଓ ଏକଛତ୍ରବାଦ ଉପରେ ସତ୍ୟ ଓ ଆଶାର ଏକ ନିର୍ଣ୍ଣାୟକ ବିଜୟ ଅଟେ। ମୋଦୀ ଏବଂ ଦେଶବାସୀଙ୍କ ମଧ୍ୟରେ ଥିବା ସମ୍ପର୍କର ସମୀକରଣ ଏବେ ସବୁଦିନ ପାଇଁ ବଦଳି ଯାଇଛି ।

### ଓଡ଼ିଶାରେ ହେବ 'ଏଆଇ ଡାଟା ସେଣ୍ଟର'

# ବିକାଶ ହେବ ନା ବିନାଶ ହେବ

**ଭୁବନେଶ୍ୱର:** ରାଜ୍ୟରେ ଏକ ବିଶାଳ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଡାଟା ସେଣ୍ଟର ଏବଂ ଗ୍ଲୋବାଲ୍ ଡେଲିଭରୀ ସେଣ୍ଟର ପ୍ରତିଷ୍ଠା ପାଇଁ ଓଡ଼ିଶା ସରକାର, ଏଚସିଏଲ୍ ଟେକ୍ନୋଲୋଜି ଏବଂ ସର୍ବମ୍ ଏଆଇ ମଧ୍ୟରେ ଏକ ଐତିହାସିକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ଏହି ଚୁକ୍ତି ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲାରେ ଆଗାମୀ ୫ ବର୍ଷ ମଧ୍ୟରେ ୧୫ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପୁଞ୍ଜିନିବେଶ କରାଯିବ। ଏହି ପ୍ରକଳ୍ପ ରାଜ୍ୟର ଡିଜିଟାଲ୍ ରୂପାନ୍ତରଣ ତଥା ଅର୍ଥନୈତିକ ବିକାଶ ଦିଗରେ ଏକ ବଡ଼ ପଦକ୍ଷେପ ବୋଲି କୁହାଯାଉଥିଲେ ମଧ୍ୟ, ଏତେ ବଡ଼ ଧରଣର ଡାଟା ସେଣ୍ଟର ପ୍ରତିଷ୍ଠା ଯୋଗୁଁ ସ୍ଥାନୀୟ ପରିବେଶ ଉପରେ ପଡ଼ିବାକୁ ଥିବା ଗୁରୁତର ପ୍ରଭାବକୁ ନେଇ ଏବେ ଉଦ୍‌ବେଗ ପ୍ରକାଶ ପାଇଛି।

ରାଜ୍ୟ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗର ସୂଚନା ମୁତାବକ, ଏହି ପ୍ରକଳ୍ପ ଅଧୀନରେ ରାଜ୍ୟ ସରକାରଙ୍କ ଆର୍ଥିକ ସହାୟତାରେ ୧୪,୨୫୭ କୋଟି ଟଙ୍କା ବ୍ୟୟରେ ଏକ ସ୍ୱଦେଶୀ 'ସୋଭରେନ୍ ଏଆଇ ପାର୍କ' ପ୍ରତିଷ୍ଠା କରାଯିବ, ଯେଉଁଥିରେ ମୁଖ୍ୟ ଏଆଇ ଡାଟା ସେଣ୍ଟର ରହିବ। ଏହାସହ ଏଚସିଏଲ୍ ପକ୍ଷରୁ ନିଜସ୍ୱ ଉଦ୍ୟମରେ ୭୩୦ କୋଟି ଟଙ୍କା ବ୍ୟୟରେ ଏକ ଗ୍ଲୋବାଲ୍ ଡେଲିଭରୀ ସେଣ୍ଟର ମଧ୍ୟ ନିର୍ମାଣ କରାଯିବ। କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଓ ପ୍ରତିରକ୍ଷା କ୍ଷେତ୍ରରେ ନୂତନ ଜ୍ଞାନକୌଶଳର ବିକାଶ ସହିତ ଓଡ଼ିଆ ଓ ଅନ୍ୟାନ୍ୟ ଭାରତୀୟ ଭାଷାରେ ଏଆଇ ସେବା ଯୋଗାଇଦେବା ଏହି ବିଶାଳ ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ ରହିଛି। ତେବେ ଡାଟା ସେଣ୍ଟର ଗୁଡ଼ିକର କାର୍ଯ୍ୟପ୍ରଣାଳୀକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ, ଏହା ପରିବେଶ ପାଇଁ ଆଦୌ ଅନୁକୂଳ ନୁହେଁ।

ଏହି ପ୍ରକଳ୍ପରୁ ପରିବେଶ ପ୍ରତି ରହିଥିବା ସବୁଠାରୁ ବଡ଼ ବିପଦ ହେଉଛି ଅତ୍ୟଧିକ ବିଦ୍ୟୁତ୍ ଶକ୍ତିର ଖର୍ଚ୍ଚ ଏବଂ ଅଙ୍ଗାରକାମ୍ଳ (କାର୍ବନ) ନିର୍ଗମନ। ଉଚ୍ଚ କ୍ଷମତା ସମ୍ପନ୍ନ ଏଆଇ ଚିପ୍ ? ଏବଂ ସର୍ଭରଗୁଡ଼ିକୁ ଦିନ ରାତି ୨୪ ଘଣ୍ଟା ଚାଲୁ ରଖିବା ପାଇଁ ଶହ ଶହ ଟେରାୱାଟ୍- ଘଣ୍ଟା ବିଦ୍ୟୁତ୍ ଦରକାର ହୋଇଥାଏ। ଯଦି ସୌର ବା ପବନ ଶକ୍ତି ଭଳି ସ୍ୱଚ୍ଛ ଏବଂ ଅକ୍ଷୟ ଶକ୍ତିର ପର୍ଯ୍ୟାପ୍ତ ବ୍ୟବସ୍ଥା



ନହୁଏ, ତେବେ ବିଦ୍ୟୁତ୍ ଉତ୍ପାଦନ ପାଇଁ କୋଇଲା ଏବଂ ପ୍ରାକୃତିକ ଗ୍ୟାସ୍ ଭଳି ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ବୃଦ୍ଧି ପାଇବ। ଫଳରେ ବହୁଳ ମାତ୍ରାରେ ଗ୍ରୀନ୍‌ହାଉସ୍ ଗ୍ୟାସ୍ ବା ଅଙ୍ଗାରକାମ୍ଳ ନିର୍ଗମନ ହେବ। ଏତେ ବିପୁଳ ମାତ୍ରାରେ ବିଦ୍ୟୁତ୍ ଟାଣିବା ଯୋଗୁଁ ସ୍ଥାନୀୟ ବିଦ୍ୟୁତ୍ ଗ୍ରୀଡ୍ ଉପରେ ଅତ୍ୟଧିକ ଚାପ ପଡ଼ିବ, ଯାହା ସାଧାରଣ ଲୋକଙ୍କ ଉପରେ ମହଙ୍ଗା ବିଦ୍ୟୁତ୍ ବିଲ୍‌ର ବୋଝ ପକାଇବାର ଆଶଙ୍କା ସୃଷ୍ଟି କରିଛି।

ବିଦ୍ୟୁତ୍ ବ୍ୟତୀତ ଏଭଳି ଡାଟା ସେଣ୍ଟର ଯୋଗୁଁ ଖୋର୍ଦ୍ଧା ଅଞ୍ଚଳରେ ଜଳ ସଙ୍କଟ ଉଗ୍ର ରୂପ ନେବାର ଆଶଙ୍କା ରହିଛି। ଏତେ ବଡ଼ ଡାଟା ସେଣ୍ଟର ଏବଂ ତା'ର ମେସିନ୍‌ଗୁଡ଼ିକୁ ଥଣ୍ଡା ରଖିବା ପାଇଁ କୁଲିଂ ସିଷ୍ଟମ୍‌ରେ ପ୍ରତିଦିନ ଲକ୍ଷ ଲକ୍ଷ ଲିଟର ପାଣିର ଆବଶ୍ୟକତା ପଡ଼ିଥାଏ। ଏହା ସ୍ଥାନୀୟ ଜଳ ଉତ୍ସ ଏବଂ ଭୂତଳ ଜଳସ୍ତର ଉପରେ ଭୟଙ୍କର ପ୍ରଭାବ ପକାଇବ। ଏଥିସହ ଶିଳ୍ପଭିତ୍ତିକ ବିଶାଳ କୁଲିଂ ୟୁନିଟ୍‌ଗୁଡ଼ିକରୁ ଲଗାତାର ନିର୍ଗତ ହେଉଥିବା ଗରମ ପବନ ଯୋଗୁଁ ସେଣ୍ଟରର ଆଖପାଖ ଅଞ୍ଚଳରେ ତାପମାତ୍ରା ସ୍ୱାଭାବିକ ଠାରୁ ଯଥେଷ୍ଟ ବୃଦ୍ଧି ପାଇ 'ହିଟ୍ ଆଇଲ୍ୟାଣ୍ଡ' ବା ଉତ୍ତପ୍ତ କ୍ଷେତ୍ର ସୃଷ୍ଟି ହେବ। ଅନ୍ୟପକ୍ଷରେ ଟେକ୍ନୋଲୋଜିର ପରିବର୍ତ୍ତନ ସହ ଏହି ସେଣ୍ଟରଗୁଡ଼ିକରେ ନିୟମିତ ବ୍ୟବଧାନରେ ହାର୍ଡୱେର୍ ପରିବର୍ତ୍ତନ କରାଯାଇଥାଏ, ଯାହାଦ୍ୱାରା ଟନ୍ ଟନ୍ ଇ-ବର୍ଜ୍ୟବସ୍ତୁ ବାହାରିବ। ନୂଆ ଯନ୍ତ୍ରପାତି ପାଇଁ ଆବଶ୍ୟକ ବିରଳ ଧାତୁର ଖଣି ଖନନ ପରୋକ୍ଷ ଭାବେ ପରିବେଶକୁ ଧ୍ୱଂସ ଆଡ଼କୁ ଠେଲିଦେବ। ତେଣୁ ରାଜ୍ୟ ସରକାର ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପ ପାଇଁ ସବୁଜ ଶକ୍ତି ଏବଂ ପରିବେଶ ସୁରକ୍ଷାର ଦୃଢ଼ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ନକଲେ ଆଗାମୀ ଦିନରେ ଏହା ଅଞ୍ଚଳ ପାଇଁ ବରଦାନ ବଦଳରେ ଅଭିଶାପ ପାଲଟିଯିବ ବୋଲି ପରିବେଶବିତ୍‌ମାନେ ମତ ପ୍ରକାଶ କରିଛନ୍ତି।

# ରାଜନୈତିକ ଓ ସ୍ୱାର୍ଥପରତା

ଆଜିର ରାଜନୈତିକ ବ୍ୟବସ୍ଥାରେ ନିଜସ୍ୱ ସ୍ୱାର୍ଥ ସିଦ୍ଧି ପାଇଁ ଦଳ ବଦଳାଇବା ଏକ ସାଧାରଣ ଘଟଣାରେ ପରିଣତ ହୋଇଛି । ଯେଉଁ ଦଳ ଜଣେ ନେତାଙ୍କୁ ସମାଜରେ ପରିଚୟ ଦେଇଥାଏ, ସେହି ଦଳ କ୍ଷମତାରୁ ଦୂରେଇଗଲେ କିମ୍ବା ଆଉ ଏକ ଦଳ କ୍ଷମତାକୁ ଆସିଲେ, ସେହି ନେତାମାନେ ବିନା ଦ୍ୱିଧାରେ ନିଜର ପୁରୁଣା ଦଳ ଓ ଆଦର୍ଶକୁ ତ୍ୟାଗ କରି ନୂଆ ଶକ୍ତିଶାଳୀ ଦଳରେ ସାମିଲ ହୋଇଯାଉଛନ୍ତି । ଏହି ପ୍ରକ୍ରିୟା କେବଳ ରାଜନୈତିକ ନୈତିକତାର ଅବକ୍ଷୟ ନୁହେଁ, ବରଂ ଜନସାଧାରଣଙ୍କ ମତକୁ ଅପମାନିତ କରିବାର ଏକ ନିନ୍ଦନୀୟ ଉଦାହରଣ । କ୍ଷମତା ଲୋଭରେ ଜଣେ ବ୍ୟକ୍ତି ଯେତେବେଳେ ନିଜର ରାଜନୈତିକ ମାତୃସଂସ୍ଥାକୁ ଛାଡିଦିଏ, ସେତେବେଳେ ସେ କେବଳ ଦଳ ବଦଳାଉ ନାହିଁ, ବରଂ ନିଜର ଚରିତ୍ର ଓ ବିଶ୍ୱସନୀୟତାକୁ ମଧ୍ୟ ବିକ୍ରି କରିଦିଏ । ରାଜନୀତିରେ ଆଦର୍ଶ ବୋଲି କିଛି ରହିଛି କି ନାହିଁ, ତାହା ଆଜି ପ୍ରଶ୍ନବାଚୀ ହୋଇପଡିଛି । ଯେଉଁ ନେତାମାନେ ଗୋଟିଏ ସମୟରେ ବିରୋଧୀ ଦଳର ନୀତିକୁ କଡା ଭାଷାରେ ସମାଲୋଚନା କରୁଥିଲେ, ସେମାନେ ସେହି ଦଳରେ ଯୋଗଦେବା ପରେ ପୂର୍ବ କଥାକୁ ଭୁଲିଯାଇ ନୂଆ ଦଳର ଗୁଣଗାନ କରିବା ଆରମ୍ଭ କରିଦିଅନ୍ତି । ଏହା କେବଳ ସ୍ୱାର୍ଥପରତାର ଚରମ ସୀମା ନୁହେଁ, ବରଂ ଜନତାଙ୍କ ସହିତ ହୋଇଥିବା ପ୍ରତାରଣା । ଗଣତନ୍ତ୍ରରେ ଦଳ ବଦଳାଇବାର ଅଧିକାର ନିଶ୍ଚିତ ଭାବେ ରହିଛି, ମାତ୍ର ତାହା ଯଦି ଜନମତର ଆଦର ପାଇଁ ନହୋଇ କେବଳ କ୍ଷମତା ପାଇଁ ହୁଏ, ତେବେ ତାହା ଗଣତନ୍ତ୍ରର ଭିତ୍ତିଭୂମିକୁ ଦୁର୍ବଳ କରେ । ଯେଉଁ ନେତାମାନେ ନିଜର ଦଳ ବଦଳାନ୍ତି, ସେମାନେ ଭୁଲିଯାଆନ୍ତି ଯେ ସେମାନଙ୍କୁ ସେହି ପଦବି ଓ ସମ୍ମାନ ମିଳିଥିଲା ପୁରୁଣା ଦଳର ସମର୍ଥକ ଏବଂ କର୍ମୀଙ୍କ ଯୋଗୁଁ । ଆଜିର ରାଜନୈତିକ ପରିବେଶରେ ନୀତି ଓ ନିଷ୍ଠା ଅପେକ୍ଷା ବ୍ୟକ୍ତିଗତ ଲାଭକୁ ଅଧିକ ଗୁରୁତ୍ୱ ଦିଆଯାଉଛି । ଏପରି ଦଳ ପରିବର୍ତ୍ତନକାରୀଙ୍କ ପାଇଁ ରାଜନୀତି ଏକ ସେବା ନୁହେଁ, ବରଂ ଏହା ବ୍ୟବସାୟରେ ପରିଣତ ହୋଇଛି । ଯଦି ଜଣେ ନେତା ସିଦ୍ଧାନ୍ତ ଓ ଆଦର୍ଶ ପାଇଁ ଦଳ ଛାଡନ୍ତି, ତେବେ ତାହା ଗ୍ରହଣୀୟ, କିନ୍ତୁ କେବଳ କ୍ଷମତାର ଭାଗୀଦାର ହେବା ପାଇଁ ଏପରି ନିଷ୍ପତ୍ତି ନେବା ସମାଜ ଓ




ଦେଶ ପାଇଁ ଅତ୍ୟନ୍ତ କ୍ଷତିକାରକ । ଏହି ପ୍ରବୃତ୍ତି ଯୁବପିଢିଙ୍କ ମଧ୍ୟରେ ରାଜନୀତି ପ୍ରତି ଏକ ନକାରାତ୍ମକ ବାର୍ତ୍ତା ପହଞ୍ଚାଉଛି । ସେମାନେ ଦେଖୁଛନ୍ତି ଯେ ରାଜନୀତିରେ ସଫଳ ହେବା ପାଇଁ କୌଣସି ନିର୍ଦ୍ଦିଷ୍ଟ ଆଦର୍ଶର ଆବଶ୍ୟକତା ନାହିଁ, ବରଂ କେବଳ ସମୟ ଅନୁଯାୟୀ ନିଜକୁ ବଦଳାଇବା ହିଁ ବୁଦ୍ଧିମାନର କାମ । ଏଭଳି ଚିନ୍ତାଧାରା ଦେଶର ଭବିଷ୍ୟତ ପାଇଁ ବିପଦଜନକ । ରାଜନୈତିକ ଦଳଗୁଡିକ ମଧ୍ୟ ଏଥିପାଇଁ ସମାନ ଭାବେ ଦାୟୀ, କାରଣ ସେମାନେ କ୍ଷମତାକୁ ଆସିବା ପାଇଁ ଅନ୍ୟ ଦଳର ନେତାଙ୍କୁ ସାମିଲ କରିବାକୁ ପଛାଉନାହାଁନ୍ତି । ଏହି 'ଆୟାରାମ-ଗୟାରାମ' ସଂସ୍କୃତି ଯେପର୍ଯ୍ୟନ୍ତ ରହିବ, ସେପର୍ଯ୍ୟନ୍ତ ଗଣତନ୍ତ୍ରର ମୂଳ ଉଦ୍ଦେଶ୍ୟ ସାଧିତ ହୋଇପାରିବ ନାହିଁ । ଜନସାଧାରଣ ସଚେତନ ହେବା ଆବଶ୍ୟକ ଯେ କ୍ଷମତା ପାଇଁ ନିଜର ଆତ୍ମସମ୍ମାନ ଓ ଆଦର୍ଶ ବିକ୍ରି କରୁଥିବା ନେତାମାନେ କେବେହେଲେ ଲୋକଙ୍କର ପ୍ରକୃତ ସେବକ ହୋଇପାରିବେ ନାହିଁ । କ୍ଷମତାର ସିଂହାସନ ଟଳମଳ ହୋଇପାରେ, କିନ୍ତୁ ଜନତାଙ୍କ ହୃଦୟରେ ସ୍ଥାନ ପାଇବା ପାଇଁ ନୀତି ଓ ନିଷ୍ଠା ହିଁ ସବୁଠାରୁ ବଡ଼ ପୁଞ୍ଜି । ବ୍ୟକ୍ତିଗତ ସ୍ୱାର୍ଥ ଓ ଦଳୀୟ ଅସ୍ତିତ୍ୱର ଏହି ଲଢେଇରେ ଶେଷରେ କ୍ଷତିଗ୍ରସ୍ତ ହୁଏ ସାଧାରଣ ଜନତା । ତେଣୁ, ଆଜି ସମୟ ଆସିଛି ଯେ ନେତାମାନେ ନିଜର ପରିଚୟ ଓ କର୍ତ୍ତବ୍ୟବୋଧକୁ ବୁଝନ୍ତୁ । ଯେଉଁ ହାତ ସେମାନଙ୍କୁ ଗଢିଛି, ସେହି ହାତକୁ କାମୁଡିବା କେବେହେଲେ କୃତଜ୍ଞତା ନୁହେଁ । ରାଜନୀତିରେ ପରିବର୍ତ୍ତନ ଆବଶ୍ୟକ, ମାତ୍ର ତାହା ମୂଲ୍ୟବୋଧ ଆଧାରିତ ହେବା ଦରକାର । ନଚେତ୍, ଏହି ସ୍ୱାର୍ଥପରତାର ଧାରା ଆମ ଗଣତନ୍ତ୍ରକୁ ଏକ ଶୂନ୍ୟ ସ୍ଥାନକୁ ନେଇଯିବ, ଯେଉଁଠାରେ କେବଳ ଲାଭ ଓ କ୍ଷତିର ହିସାବ ରହିବ, ଜନସେବାର କୌଣସି ସ୍ଥାନ ରହିବ ନାହିଁ । ନୈତିକତାହୀନ ରାଜନୀତି ଦେଶକୁ କେବେହେଲେ ବିକାଶର ପଥରେ ଆଗେଇ ନେଇପାରିବ ନାହିଁ । ଏଣୁ ଆଜିର ସମୟରେ ପ୍ରତ୍ୟେକ ନେତାଙ୍କୁ ଆତ୍ମସମୀକ୍ଷା କରିବାକୁ ପଡିବ ଯେ ସେମାନେ ରାଜନୀତିକୁ ନିଜର ଭବିଷ୍ୟତ ପାଇଁ ବ୍ୟବହାର କରୁଛନ୍ତି ନା ସମାଜ ପାଇଁ । ନିଜର ପରିଚୟ ହରାଇ କ୍ଷମତା ପଛରେ ଦୌଡିବା ଅପେକ୍ଷା, ନିଜର ଆଦର୍ଶକୁ ଜାବୁଡି ଧରି ସାଧାରଣ ଜନତାଙ୍କ ମଧ୍ୟରେ ବଞ୍ଚି ରହିବା ହିଁ ପ୍ରକୃତ ରାଜନୈତିକ ସଫଳତା । ସ୍ୱାର୍ଥପରତାର ଏହି ଖେଳ ଶେଷ ହେବା ଆବଶ୍ୟକ ଏବଂ ଏଥିପାଇଁ ପ୍ରଥମ ପଦକ୍ଷେପ ନେତାଙ୍କୁ ହିଁ ନେବାକୁ ହେବ ।

**ସୌଭାଗ୍ୟ ରଞ୍ଜନ ମହାନ୍ତି,ମୋବାଇଲ ନଂ-୯୪୩୭୯୯୪୩୭୯**

# ରାଥଯାତ୍ରାରେ ନିୟୋଜିତ ସେବାୟତ

ଡକ୍ଟର ପ୍ରମୋଦ କୁମାର ପଣ୍ଡା
ସମ୍ବଲପୁର,
**ମୋ:୭୯୭୮୨ ୮୩୧୯୦**

ଭାରତର ଚାରି ଦିଗରେ ଚାରି ଧାମ ଅବସ୍ଥିତ । ଆଦି ଶଙ୍କରାଚାର୍ଯ୍ୟ ଏହି ଚାରି ଧାମ ପ୍ରତିଷ୍ଠା କରିଥିଲେ । ଇତିହାସ ଏହାର ଆଧାର । ଐତିହାସିକ ତଥ୍ୟ ଏହାର ପୃଷ୍ଠଭୂମି । ଉତ୍ତରରେ ବଦ୍ରିନାଥ, ଦକ୍ଷିଣରେ ରାମନାଥ, ପଶ୍ଚିମରେ ଦ୍ୱାରିକାନାଥ ଓ ପୂର୍ବରେ ଜଗନ୍ନାଥ ମହାପ୍ରଭୁ ଏହି ଚାରି ଧାମରେ ଅନାଦି କାଳରୁ ପୂଜା ପାଇଆସୁଛନ୍ତି । ପୁରୀ ଜଗନ୍ନାଥ ଧାମରେ ପୂଜାପାଠ ଓ ନୀତିକାନ୍ତି ସ୍ୱତନ୍ତ୍ର । ପ୍ରତିବର୍ଷ ଏଠାରେ ମହାପ୍ରଭୁଙ୍କ ରଥଯାତ୍ରା ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ପାଳିତ ହୋଇଥାଏ । ରଥଯାତ୍ରା ଦେଖିବାକୁ ଦେଶ ଓ ଦେଶ ବାହାରୁ ଲକ୍ଷ ଲକ୍ଷ ଭକ୍ତଙ୍କ ଭିଡ଼ ଜମେ । ବଡ଼ଦାଣ୍ଡ ଲୋକାରଣ୍ୟ ହୋଇଯାଏ । ପ୍ରଭୁ ବଳଭଦ୍ର, ଜଗନ୍ନାଥ ଓ ମା' ସୁଭଦ୍ରା ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ ନିର୍ବିଶେଷରେ ଭକ୍ତଙ୍କୁ ଖୋଲା ଦର୍ଶନ ଦିଅନ୍ତି ।

ପୁରୀ ରଥଯାତ୍ରା ବିଶ୍ୱପ୍ରସିଦ୍ଧ । ଯାତ୍ରାର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ୧୧୯ ରୁ ଅଧିକ ସେବକ ଓ ସେବାୟତ ପ୍ରଭୁଙ୍କ ସେବାରେ ନିୟୋଜିତ ହୋଇଥାନ୍ତି । ସେମାନଙ୍କ ନାମ ଓ କାମ ଭିନ୍ନ ଭିନ୍ନ । ଅତ୍ୟନ୍ତ ଶୃଙ୍ଖଳା ଓ ନିଷ୍ଠାର ସହିତ ସେମାନେ ନିଜ ନିଜ କାମ ଠିକ୍ ସମୟରେ କରିଥାନ୍ତି । ତେଣୁ ଏତେ ବଡ଼ ରଥଯାତ୍ରାର ନୀତିକାନ୍ତିରେ କୌଣସି ପରିଚାଳନାଗତ ତ୍ରୁଟି ପରିଲକ୍ଷିତ ହୋଇନଥାଏ । ରଥଯାତ୍ରା କାଳିଆ ସାଆନ୍ତଙ୍କ ଇଚ୍ଛା ଓ ଆଶୀର୍ବାଦରେ ନିର୍ବିଘ୍ନରେ ସମାପିତ ହୁଏ ବୋଲି ଲୋକଙ୍କ ଅଗାଧ ବିଶ୍ୱାସ ଓ ଗଭୀର ଆସ୍ଥା ରହିଛି ।

ଗଜପତି ମହାରାଜା ହେଉଛନ୍ତି ଜଗନ୍ନାଥଙ୍କ ଆଦ୍ୟ ସେବକ । ପ୍ରଥମ ଓ ପ୍ରମୁଖ ସେବାକାରୀ, ଭକ୍ତ । ରଥଯାତ୍ରା ସମୟରେ ସେ ସୁନାର ଝାଡୁ ଧରି ତିନି ରଥର 'ଛେରା ପହଁରା', ପରିଷ୍କାର ପରିଚ୍ଛନ୍ନ, ନୀତି ନିଷ୍ଠାର ସହିତ ସମ୍ପନ୍ନ କରିଥାନ୍ତି । ଦଇତାପତି ସେବକମାନେ ଭଗବାନଙ୍କୁ ରତ୍ନବେଦୀରୁ ଆଣନ୍ତି । ପହଣ୍ଡି ବିଜେ କରାନ୍ତି ଏବଂ ତିନି ଠାକୁରଙ୍କୁ ରଥାରୂଢ଼ କରାଇବା କାର୍ଯ୍ୟରେ ମୁଖ୍ୟ ଭୂମିକା ଗ୍ରହଣ କରନ୍ତି ।

ମହାରଣା ସେବାୟତ ହେଉଛନ୍ତି ମୁଖ୍ୟ କାଠଗଢ଼ିଆ ବା ବଢ଼େଇ । ବିଶାଳ ରଥ ନିର୍ମାଣ କରିବା ଏବଂ ଯାତ୍ରା ସମୟରେ ରଥର ତଦାରଖ ଏମାନଙ୍କ ମୁଖ୍ୟ କାମ । ଦଇତାଙ୍କୁ ଶୁଦ୍ଧିଆ ସେବକ ମଧ୍ୟ କୁହାଯାଏ । ତିନି ରଥ ଉପରେ ପହଣ୍ଡି ସମୟରେ ଦେବତାମାନଙ୍କୁ ସୁରକ୍ଷା ଦେବା ଏମାନଙ୍କ କାମ । ନୀତିକାନ୍ତି ପରିଚାଳନା ଦାୟିତ୍ୱ ଏମାନଙ୍କ ମୁଣ୍ଡ ଉପରେ ଥାଏ ।

ପତି ମହାପାତ୍ରମାନେ ଠାକୁରଙ୍କ ସ୍ୱତନ୍ତ୍ର ପୂଜାବିଧି ଓ ଦେବତାଙ୍କ ସାମ୍ନାରେ ହେଉଥିବା ମୁଖ୍ୟ ନୀତିକାନ୍ତିର ପରିଚାଳକ । ଠାକୁରଙ୍କୁ ସୁନ୍ଦର ଭାବରେ ସଜ୍ଜିତ କରିବା ଓ ଫୁଲମାଳ ଲାଗି କରିବା ପୁଷ୍ପାଳକ ସେବକଙ୍କ ପ୍ରମୁଖ କାର୍ଯ୍ୟ ଅଟେ । ଘଣ୍ଟୁଆ ଏବଂ ବାଜଣା ସେବାୟତ ରଥଯାତ୍ରା ସମୟରେ ପାରମ୍ପରିକ ବାଦ୍ୟ ଯଥା - ଘଣ୍ଟ, ମହୁରୀ ଇତ୍ୟାଦି ବଜାଇ ଭକ୍ତମାନଙ୍କୁ ଆଧାତ୍ମିକ ପରିବେଶ ପ୍ରଦାନ କରିବାରେ ସହାୟକ ହୋଇଥାନ୍ତି । ରଥ ଟଣା ସମୟରେ / ରଥ ଗଡୁଥିବା ବେଳେ ଡାହୁକମାନେ 'ଡାହୁକ ବୋଲି', କବିତା କିମ୍ବା ଗୀତ ଗାଇଥାନ୍ତି । ପରମ୍ପରା ଅନୁଯାୟୀ ଏହା ରଥ ଗଡ଼ିବାରେ ସାହାଯ୍ୟ କରେ । ଶ୍ରୀଜଗନ୍ନାଥ ମନ୍ଦିରର ଛତିଶା ନିଯୋଗ ଅନ୍ତର୍ଗତ ରଥଯାତ୍ରା ସହିତ ଜଡ଼ିତ ପ୍ରମୁଖ ସେବାୟତ ପ୍ରତିହାରୀ - ଯିଏ ରଥ ଉପରେ ପହଣ୍ଡି ସମୟରେ ଶୃଙ୍ଖଳା ରକ୍ଷା କରନ୍ତି, ଭିଡ଼ ନିୟନ୍ତ୍ରଣ ଓ ଠାକୁରଙ୍କୁ ସୁରକ୍ଷା ଦିଅନ୍ତି, ଭୋଇ - ରଥ ନିର୍ମାଣ ସମୟରେ କାଠ ବୋହିବା ଓ ରଥଚକ, ଅଖରେ ସମସ୍ୟା ଦେଖାଦେଲେ ତାର ତୁରନ୍ତ ମରାମତି କରିବା ଏମାନଙ୍କ କାମ, ରୂପକାର - ରଥ ଉପରେ ଥିବା ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି, ପାର୍ଶ୍ୱ ଦେବତା ଏବଂ ରଥର କାଠ ଖୋଦେଇ କାମ ଏମାନେ କରନ୍ତି, ଚିତ୍ରକାର-ରଥ ନିର୍ମାଣ ଶେଷ ହେବା ପରେ ତିନି ରଥକୁ ପାରମ୍ପରିକ ରଙ୍ଗରେ ରଙ୍ଗେଇବା ତଥା ରଥ ଉପରେ ଥିବା ସାରଥୀ ଓ ଘୋଡ଼ାମାନଙ୍କୁ ସୁନ୍ଦର ଭାବେ ଚିତ୍ରିତ କରିବା ଏମାନଙ୍କ କାର୍ଯ୍ୟ, ଦରଜୀ - ରଥ ପାଇଁ ଆସୁଥିବା ସ୍ୱତନ୍ତ୍ର କପଡ଼ାକୁ ମାପ ଅନୁସାରେ ତିନି ରଥର କାନି ବା ଆବରଣ ପ୍ରସ୍ତୁତ କରନ୍ତି, କରତିଆ - ଏମାନେ କାଠ ଚିରୁଆ ମିସ୍ତ୍ରୀ ଯିଏ ରଥ ନିର୍ମାଣ ପାଇଁ ଆସିଥିବା କାଠଗଣ୍ଡିକୁ ନିର୍ଦ୍ଦିଷ୍ଟ ମାପରେ ଚିରି ପଟା ତିଆରି କରନ୍ତି, ଓଝା ମହାରଣା / କମାର ସେବକ - ରଥ ପାଇଁ ଆବଶ୍ୟକ ହେଉଥିବା ହଜାର ହଜାର ଲୁହା କଣ୍ଟା, କବ୍‌ଜା ଏବଂ ଅନ୍ୟାନ୍ୟ ଲୁହା ସରଞ୍ଜାମ ଏମାନେ ଶାଳରେ ତିଆରି କରନ୍ତି । ସୁଆର ଏବଂ ମହାସୁଆର - ରଥଯାତ୍ରା



ସମୟରେ ମହାପ୍ରଭୁଙ୍କ ନିମିତ୍ତ ସ୍ୱତନ୍ତ୍ର ଶୁଖିଲା ଭୋଗ ଓ ଅନ୍ୟାନ୍ୟ ନୈବେଦ୍ୟ ପ୍ରସ୍ତୁତ କରିଥାନ୍ତି । ରଥଯାତ୍ରା ସମୟରେ ଠାକୁରଙ୍କ ବିଭିନ୍ନ ନୀତି ପାଇଁ ଆବଶ୍ୟକ ହେଉଥିବା ଚନ୍ଦନ, କସ୍ତୁରୀ ଏବଂ ସୁବାସିତ ତେଲ ଆଦି ପ୍ରସ୍ତୁତ କରି ଯୋଗାଇବା ଘଟୁଆରୀମାନଙ୍କ କାମ । ଗଜପତି ମହାରାଜାଙ୍କ ଅନୁପସ୍ଥିତିରେ କିମ୍ବା ତାଙ୍କ ପ୍ରତିନିଧି ଭାବେ ରଥ ଉପରେ କେତେକ ସ୍ୱତନ୍ତ୍ର ରାଜକୀୟ ନୀତି ସମ୍ପାଦନ କରିବା ମୁଦିରସ୍ତ ସେବକଙ୍କ ଦାୟିତ୍ୱ ଅଟେ । ରଥଯାତ୍ରାର ଛତିଶା ନିଯୋଗ ଓ ଦୈନନ୍ଦିନ ନୀତିକାନ୍ତିରେ ନିୟୋଜିତ ଅନ୍ୟ କେତେକ ପ୍ରମୁଖ ସେବାୟତ ହେଲେ ତଳିଚ୍ଛ ମହାପାତ୍ର, ଦେଉଳ କରଣ, ତଡ଼ାଉ ମେକାପ, ଖୁଣ୍ଟିଆ ସେବକ, ପତ୍ରି ବଡୁ, ଗରା ବଡୁ, ସୁଆର ବଡୁ, ଛତାର ସେବକ, ତରାସିଆ, କାହାଳିଆ, ଶଙ୍ଖୁଆ, ବିମାନ ବଡୁ, ପଶୁପାଳକ, ହାଡ଼ି ସେବକ, ଲେଙ୍କା ସେବକ, ପାଳକ ସେବକ, ଦେଉଳ ପୁରୋହିତ, ମାଳୀ ସେବକ, କୁମ୍ଭାର ସେବକ, ଚୁନାର ଇତ୍ୟାଦି । ତେବେ ମନରେ ପ୍ରଶ୍ନ ଉଠେ ମନ୍ଦିର ପରିଚାଳନା ଓ ରଥଯାତ୍ରା ସକାଶେ ଏତେ ସଂଖ୍ୟକ ସେବକ, ସେବାୟତ ରହିବାର ଆବଶ୍ୟକତା କଣ ? ଏହାର ମୁଖ୍ୟ କାରଣ ହେଲା ପରିଚାଳନଗତ ଉତ୍କର୍ଷ ଆନୟନ ଏବଂ ମହାପ୍ରଭୁଙ୍କ ନୀତିକାନ୍ତିରେ ପୂର୍ଣ୍ଣ ଶୃଙ୍ଖଳା । ସେବକ, ସେବାୟତମାନେ ନିର୍ଦ୍ଦିଷ୍ଟ ଦାୟିତ୍ୱ ସମ୍ପାଦନ ପାଇଁ ଉଦ୍ଦିଷ୍ଟ । ସେମାନେ ନିଜ କାମ ନିଜେ କରିବେ । ତାଙ୍କ କାମରେ କେହି ଦଖଲ ଦେବେନାହିଁ । ତେଣୁ ଯଥା ସମୟରେ ସବୁ କାମ ନିର୍ବିଘ୍ନରେ ହୋଇଯାଏ । କୌଣସି ବିଶୃଙ୍ଖଳା ହୁଏ ନାହିଁ । ଯାହାକୁ ଅଧୁନା ଆମେ ଶ୍ରମ ବିଭାଜନ କିମ୍ବା ଦାୟିତ୍ୱ ବଣ୍ଟନ କହୁ । କୁଶଳ କର୍ମ ସମ୍ପାଦନ ପାଇଁ କାହିଁ କେଉଁ କାଳରୁ ଏହି ପ୍ରଥା ଚାଲିଆସିଛି । ସୁତରାଂ ଆମ ପୂର୍ବଜଙ୍କୁ ରୁଢ଼ିବାଦୀ କହି ନୀଚା ଦେଖାଇବା ଅଯୌକ୍ତିକ । ବରଂ ପରମ୍ପରା ଆଧୁନିକତାର ଆଧାର ବା ଜନନୀ କହିଲେ ଠିକ୍ ହେବ ।

# କାନ୍ଧରେ ଆସନ୍ତି ଦେବୀ ସୁଭଦ୍ରା



*ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଳା*

ଆଜି ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା, ପତିତପାବନ ଯାତ୍ରା । ବଡ଼ଦାଣ୍ଡରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଅଗ୍ରଜ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ସହ ଅଗଣିତ ଭକ୍ତଜନଙ୍କୁ ଆଶୀର୍ବାଦର କୃପାବାରିଧାରାରେ ବୁଡ଼ାଇ ଦିବ୍ୟ ଦର୍ଶନ ପାଇଁ ଆଗମନ କରିଥାନ୍ତି । ବଡ଼ଭାଇ ଶ୍ରୀବଳଭଦ୍ର ଓ ମହାପ୍ରଭୁ ଶ୍ରୀଜଗନ୍ନାଥ ପହଣ୍ଡି ପହଣ୍ଡି ଆସନ୍ତି । ପ୍ରଭୁ ବଳଭଦ୍ରଙ୍କ ପହଣ୍ଡିରେ ଦେବୀ ସୁଭଦ୍ରାଙ୍କ ପହଣ୍ଡି ହୁଏ । ସେବକଙ୍କ ଗହଣରେ ଟାହିଆ ହଲାଇ ହଲାଇ ଦୁଇଠାକୁର ପହଣ୍ଡି କରି ଆସୁଥିବା ବେଳେ ଭଉଣୀ ସୁଭଦ୍ରା ପହଣ୍ଡନ୍ତି ନାହିଁ । ସେ ସେବକଙ୍କ କାନ୍ଧ ଓ ମୁଣ୍ଡରେ ବିଜେ କରନ୍ତି । ସ୍ନାନଯାତ୍ରାରେ ସ୍ନାନବେଦୀ ହେଉ କି ରଥଯାତ୍ରାରେ ରଥ, ଜନ୍ମବେଦୀକୁ ହେଉ କି ବାହୁଡ଼ାରେ ରଥକୁ ହେଉ କିମ୍ବା ନୀଳାଦ୍ରି ବିଜେରେ ରତ୍ନସିଂହାସନକୁ ବିଜେ ହେଉ, ସବୁବେଳେ ମା'ସୁଭଦ୍ରା ସେବକଙ୍କ କାନ୍ଧ ଓ ମୁଣ୍ଡରେ ଯାଇଥାନ୍ତି । ଭଉଣୀ ଭାଇ ସାଙ୍ଗରେ ସ୍ନାନ, ରଥଯାତ୍ରା, ବାହୁଡ଼ାଯାତ୍ରା କରୁଥିବାବେଳେ ଦେବୀଙ୍କ କ୍ଷେତ୍ରରେ ଏହି ବ୍ୟତିକ୍ରମ କାହିଁକି ବୋଲି ପ୍ରଶ୍ନ ଉଠେ । ଏ ବିଷୟରେ ଅନେକେ ଅନେକ କଥା କୁହନ୍ତି । ଗବେଷକ ଡ. ନରେଶ ଦାଶଙ୍କ ପ୍ରଦତ୍ତ ତଥ୍ୟ ଅନୁଯାୟୀ ମହାପ୍ରଭୁଙ୍କର ଏହା ମାନବୀୟ ଲୀଳା ।

ଶାସ୍ତ୍ର, ପୁରାଣ, ସବୁଠି ରହିଛି ନାରୀ ସବୁବେଳେ ଆଦରଣୀୟା । ସେ କୋମଳ, ତାଙ୍କୁ କେବେ କଷ୍ଟ ଦେବା କଥା ନୁହେଁ । ନାରୀର ସ୍ଥାନ ସର୍ବଦା ଉଚ୍ଚରେ । ତାଙ୍କୁ ମୁଣ୍ଡାଇ ରଖିବା କଥା । ଏହି ଉକ୍ତିର ଯଥାର୍ଥ ପ୍ରମାଣ ହେଉଛି ଦେବୀ ସୁଭଦ୍ରାଙ୍କ ବିଜେ । ସେ ନାରୀ, ଜଗଜ୍ଜନନୀ ମାଆ । ତାଙ୍କୁ ଠେଲି ଠେଲି ବା ଟାଣି ଟାଣି ଆଣି ହେବନାହିଁ । ସେ ସର୍ବଦା ପୂଜ୍ଜା । ତେଣୁ ତାଙ୍କୁ ସେବକମାନେ କାନ୍ଧରେ ବା ମୁଣ୍ଡରେ ଟେକି ଟେକି ଆଣିଥାନ୍ତି । ଦେବୀ ସୁଭଦ୍ରାଙ୍କ ରଥରେ ସୁଦର୍ଶନ ରହିବାପରେ ନାରୀ ହୃଦୟରେ ଯେଉଁ ମହାନନ୍ଦ ପ୍ରକାଶ ପାଏ, ସେହି ମହାନନ୍ଦରେ ବିଭୋରହୋଇ ଜଗତ୍‌ଜନନୀ ମା'ସୁଭଦ୍ରା ଚଳତ୍ ଶକ୍ତିହୀନା ହୋଇପଡ଼ନ୍ତି । ତେଣୁ ଦଇତାମାନେ ତାଙ୍କୁ କାନ୍ଧେଇକରି ନେଇଯାଆନ୍ତି । ସୁଭଦ୍ରା ହେଉଛନ୍ତି ମହାଶକ୍ତି । ସେ ଆଦ୍ୟା ହେତ୍ ଅନ୍ଧକାରବର୍ଣ୍ଣା । ସେଥିପାଇଁ ତାଙ୍କ ରଥ କୃଷ୍ଣବର୍ଣ୍ଣ । ଦେବୀ ସୁଭଦ୍ରା ରଥାରୂଢ଼ା ହେଲାପରେ ମହାଭୈରବ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ହୁଏ । ଏହି ପହଣ୍ଡି ପୂର୍ବରୁ ସୁଦର୍ଶନ ଶକ୍ତିଙ୍କ ସହ ସଂଯୁକ୍ତ ହୋଇଥିବାରୁ ଆନନ୍ଦଉଲ୍ଲାସ ମଧ୍ୟରେ ଟାହିୟା ହଲାଇ ହିନ୍ଦୁତନ୍ତ୍ରର ମହାଭୈରବପ ଜଗନ୍ନାଥଙ୍କର ଆଗମନ ହୁଏ । ମହାପ୍ରଭୁ ସ୍ୱୟଂ ଦେବୀ ସୁଭଦ୍ରାଙ୍କୁ ଟେକି ଟେକି ନେବାର ପ୍ରଥା କରି ନାରୀଙ୍କ ପ୍ରତି ସମ୍ମାନ ପ୍ରତିପାଦନ କରିଛନ୍ତି । ସେହିପରି ଦେବୀ ସୁଭଦ୍ରାଙ୍କ ବାଡ଼ର ବାଡ଼ଗ୍ରାହୀ ଦଇତାପତି ସେବକ ରାମଚନ୍ଦ୍ର ଦାସମହାପାତ୍ର କୁହନ୍ତି, ମାଆକୁ ପୁଅ ବା ଭଉଣୀକୁ ଭାଇ କେବେ କଷ୍ଟ ଦେଇ ନେଇପାରେ ନାହିଁ । ନାରୀକୁ ମୁଣ୍ଡରେ ବସାଯାଏ । ମାଆ, ଭଉଣୀ ଓ ପତ୍ନୀ ସର୍ବଦା ପୂଜନୀୟା । ତେଣୁ ମାଆ ସୁଭଦ୍ରାଙ୍କୁ ଟେକି ଟେକି ନେବାର ପରମ୍ପରା ରହିଛି ।

ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ନବଦିନଯାତ୍ରା ବୋଲି କୁହାଯାଏ । କାରଣ ଏହି ଯାତ୍ରା ନଅଦିନ ବ୍ୟାପୀ ହୁଏ । ନ'ଏକ ପରିପୂର୍ଣ୍ଣ ସଂଖ୍ୟା । ୯ ଢ ୧ = ୯, ୯ ଢ ୨ = ୧୮ (୧+୮=୯) ତାନ୍ତ୍ରିକ ମତରେ ନ ଅତ୍ୟନ୍ତ ଶୁଭପ୍ରଦ । ଆଷାଢ଼ ଶୁକ୍ଳ ଦଶମୀରେ ଶ୍ରୀଜୀଉଙ୍କରଥ ସିଂହଦ୍ୱାରରେ ଲାଗିଲେ ମଧ୍ୟ ସେ ଦିନ ଦିଅଁ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି ନାହିଁ । ସାଧାରଣତଃ ନ'ମାସ ମାତୃଗର୍ଭରେ ସନ୍ତାନ ରହେ । ଦଶମାସ ପରେ ସନ୍ତାନ ଭୂମିଷ୍ଠ ହୁଏ । ସେଥିପାଇଁ ଏହା ହେଉଛି ନବଦିନ ଯାତ୍ରା । ତେଣୁ ଦଶମୀ ଏକାଦଶୀ ଦିନ ରଥରେ ରହି ଦ୍ୱାଦଶୀ ଦିନ ଶ୍ରୀମନ୍ଦିରକୁ ବିଜେ କରନ୍ତି ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ଚହଟା ନଗର, ଲେନ୍-୬, କଟକ-୧୪, ଦୂରଭାଷ : ୭୦୦୮୪୭୮୯୮୬*

ପ୍ରଦେଶ ବାର୍ତ୍ତା

# ଶସ୍ତା ବନ୍ଧୁକ ବାଲେଶ୍ୱରରେ ବଢ଼ାଉଛି ଅପରାଧ



**ବାଲେଶ୍ୱର:** ବାଲେଶ୍ୱର ସହର ତଥା ଏହାର ଆଖପାଖ ଅଞ୍ଚଳରେ ସକ୍ରିୟ ଥିବା ଏକ ଆନ୍ତଃରାଜ୍ୟ ଚୋରା ବନ୍ଧୁକ ରାକେଟ୍ ଯୋଗୁଁ ସାଧାରଣରେ ଦିନଦ୍ୱିପ୍ରହରରେ ଗୁଳିକାଣ୍ଡ, ହତ୍ୟା ଏବଂ ଲୁଟ୍ ଭଳି ସଙ୍ଗୀନ ଅପରାଧ ବ୍ୟାପକ ମାତ୍ରାରେ ବୃଦ୍ଧି ପାଇଛି, ଯାହା ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଆତଙ୍କ ସୃଷ୍ଟି କରିଛି। ପୁଲିସ ଗୁଇନ୍ଦା ବିଭାଗର ଚରମ ବିଫଳତା ଯୋଗୁଁ ଅପରାଧୀମାନେ ଅତି ସହଜରେ ମାରଣାସ୍ତ୍ର ପାଇବା ସହ ନିର୍ଭୟରେ ଅପରାଧ ଘଟାଇ ଖସିଯିବାରେ ସଫଳ ହେଉଛନ୍ତି।

ବିଶେଷକରି ସହରର ସହଦେବଖୁଣ୍ଟା ଥାନା ଅଞ୍ଚଳ ଏବେ ଦୁର୍ବୃତ୍ତମାନଙ୍କର ମୁଖ୍ୟ ଆଡ୍ଡାସ୍ଥଳୀରେ ପରିଣତ ହୋଇଛି। ଚଳିତ ବର୍ଷର ପରିସଂଖ୍ୟାନକୁ ବିଶ୍ଲେଷଣ କଲେ ଦେଖାଯାଏ ଯେ, କେବଳ ଏହି ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳରେ ହିଁ ଦୁଇଟି ବୀଭତ୍ସ ହତ୍ୟାକାଣ୍ଡ ସହ ଦୁଇ ଦୁଇଥର ଗୁଳିକାଣ୍ଡ ଘଟିସାରିଲାଣି। ଅପରାଧୀମାନେ ବ୍ୟବସାୟୀଙ୍କୁ ଟାର୍ଗେଟ୍ କରି ରାସ୍ତାଘାଟରେ ବନ୍ଧୁକ ଦେଖାଇ ଖୁଲମଖୁଲା ଲୁଟପାଟ କରୁଛନ୍ତି। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ସ୍ଥାନୀୟ ବ୍ୟବସାୟୀ ଶେଷ ହମିଦଙ୍କ ମାମଲା, ଯାହାଙ୍କୁ ଦୁର୍ବୃତ୍ତମାନେ ରାସ୍ତା ଉପରେ ଅତି ନିର୍ମମ ଭାବେ ଗୁଳି କରି ହତ୍ୟା କରିଥିଲେ। ଏହି ହାଇ-ପ୍ରୋଫାଇଲ୍ ଘଟଣା ସ୍ଥାନୀୟ ପ୍ରଶାସନର ସୁରକ୍ଷା ବ୍ୟବସ୍ଥା ଉପରେ ଏକ ବଡ଼ ପ୍ରଶ୍ନଚିହ୍ନ ଛିଡ଼ା କରିଛି।

ପୁଲିସର ତଦନ୍ତରୁ ଜଣାପଡ଼ିଛି ଯେ, ବାଲେଶ୍ୱରରେ ଅବାଧରେ ଚାଲିଥିବା ଏହି ଚୋରା ବନ୍ଧୁକ ରାକେଟର ଚେର ବହୁ ଦୂରକୁ ଲମ୍ବିଛି। ପଡ଼ୋଶୀ ପଶ୍ଚିମବଙ୍ଗର କୋଲକାତା ସମେତ ବିହାର ଏବଂ ଝାଡ଼ଖଣ୍ଡ ଭଳି ରାଜ୍ୟରୁ ଏହି ଆଧୁନିକ ମାରଣାସ୍ତ୍ରଗୁଡ଼ିକ ଚୋରା ଚାଲାଣ ହୋଇ ଆସୁଛି। ଆଶ୍ଚର୍ଯ୍ୟର ବିଷୟ ହେଉଛି, ବଜାରରେ ଖୁବ୍ କମ୍ ଦାମରେ ଏହି ବନ୍ଧୁକ ଉପଲବ୍ଧ ହେଉଥିବାରୁ, ନୂଆ ପିଢ଼ିର ଅପରାଧୀମାନେ ଏହାକୁ ସହଜରେ ଆୟତ୍ତ କରି ଅଭିନବ ଶୈଳୀରେ ଅପରାଧ ଭିଆଉଛନ୍ତି। ଯଦିଓ ଗତ କିଛି ବର୍ଷ ମଧ୍ୟରେ ପୁଲିସ ପକ୍ଷରୁ ୪୦ରୁ ଅଧିକ ଆର୍ମସ ଆକ୍ଟ (ଅସ୍ତ୍ରଶସ୍ତ୍ର ଆଇନ) ମାମଲା ରୁଜୁ କରାଯାଇଛି, ୩୦ରୁ ଊର୍ଦ୍ଧ୍ୱ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ବିପୁଳ ପରିମାଣର ବନ୍ଧୁକ ଜବତ କରାଯାଇଛି, ତଥାପି ବାସ୍ତବ କ୍ଷେତ୍ରରେ ଅପରାଧର ଗ୍ରାଫ୍ ତଳକୁ ଖସୁନାହିଁ କିମ୍ବା ବନ୍ଧୁକ କାରବାର ଉପରେ ସମ୍ପୂର୍ଣ୍ଣ ରୋକ୍ ଲାଗିପାରୁ ନାହିଁ।

ଏଭଳି ଏକ ସମ୍ବେଦନଶୀଳ ସ୍ଥିତିରେ ବାଲେଶ୍ୱର ପୁଲିସ ନିଜର ପାରମ୍ପରିକ କାର୍ଯ୍ୟପଦ୍ଧତି ଏବଂ ତଦନ୍ତ ପ୍ରକ୍ରିୟାରେ ବ୍ୟାପକ ପରିବର୍ତ୍ତନ ଆଣିବା ନିହାତି ଜରୁରୀ ହୋଇପଡ଼ିଛି। ନିଷ୍କ୍ରିୟ ହୋଇପଡ଼ିଥିବା ଗୁଇନ୍ଦା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ସହ ତୁରନ୍ତ ଏକ 'ସ୍ପେଶାଲ ଡ୍ରାଇଭ୍' (ସ୍ୱତନ୍ତ୍ର ଅଭିଯାନ) ଆରମ୍ଭ କରି ଏହି ଆନ୍ତଃରାଜ୍ୟ ବନ୍ଧୁକ ରାକେଟକୁ ମୂଳୋତ୍ପାଟନ କରାନଗଲେ, ଆଗାମୀ ଦିନରେ ସହରର ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣ ବାହାରକୁ ଚାଲିଯିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

# ଜଳମଗ୍ନ ବାଲେଶ୍ୱର ଆଇଟିଆଇ ପଡ଼ିଆ, ଖେଳାଳି ହତାଶ



**ବାଲେଶ୍ୱର:** ବାଲେଶ୍ୱର ସହରର ପ୍ରମୁଖ କ୍ରୀଡ଼ାସ୍ଥଳୀ ଭାବେ ପରିଚିତ ଆଇଟିଆଇ ଖେଳପଡ଼ିଆ ଏବେ ସାମାନ୍ୟ ବର୍ଷାରେ ଏକ କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି କରୁଛି। ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା ନଥିବାରୁ ଏବଂ ପଡ଼ିଆଟି ମୁଖ୍ୟ ରାସ୍ତା ଠାରୁ ତଳେ ଥିବା କାରଣରୁ ବର୍ଷାପାଣି ଜମି ରହି ସ୍ଥାନୀୟ ଖେଳାଳି ଓ କ୍ରୀଡ଼ାବିତ୍‌ମାନଙ୍କ ନିୟମିତ ଅଭ୍ୟାସକୁ ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ କରୁଛି।

ଏହି ପଡ଼ିଆ ଉପରେ ସହରର ବହୁ ଶିଶୁ, କିଶୋର ଏବଂ ଯୁବକ ନିର୍ଭର କରିଥାନ୍ତି। ନିଜର ଶାରୀରିକ ଦକ୍ଷତା ବୃଦ୍ଧି ତଥା ଖେଳ ଅଭ୍ୟାସ ପାଇଁ ପ୍ରତିଦିନ ଏଠାରେ ଫୁଟବଲ୍, କ୍ରିକେଟ୍ ସମେତ ବିଭିନ୍ନ ଆଥଲେଟିକ୍ କ୍ରୀଡ଼ାର ଆୟୋଜନ କରାଯାଇଥାଏ। ମାତ୍ର ବର୍ତ୍ତମାନ ପଡ଼ିଆର ଚାରିଆଡ଼େ ପାଣି ଏବଂ କାଦୁଅ ଜମି ରହିବା ଫଳରେ ଖେଳାଳିମାନେ ଅତ୍ୟନ୍ତ ନିରାଶ ହୋଇଛନ୍ତି। ପାଣି ବାହାରିବା ପାଇଁ କୌଣସି ସୁବିଧା ନଥିବାରୁ ଦିନ ଦିନ ଧରି ଏହି ଜଳାଶୟ ଭଳି ସ୍ଥିତି ଲାଗି ରହୁଛି। ଫଳସ୍ୱରୂପ, ଆଗାମୀ ପ୍ରତିଯୋଗିତା ପାଇଁ କଠିନ ପରିଶ୍ରମ କରୁଥିବା ଖେଳାଳିମାନଙ୍କ ପ୍ରସ୍ତୁତି ବ୍ୟାପକ ମାତ୍ରାରେ ପ୍ରଭାବିତ ହେଉଛି।

ସ୍ଥାନୀୟ ବାସିନ୍ଦା ଏବଂ କ୍ରୀଡ଼ାପ୍ରେମୀଙ୍କ ଅଭିଯୋଗ ଅନୁଯାୟୀ, ଏହା କେବଳ ଚଳିତ ବର୍ଷର ଘଟଣା ନୁହେଁ ବରଂ ପ୍ରତିବର୍ଷ ବର୍ଷା ଋତୁ ଆସିଲେ ଏହି ସମାନ ଦୁର୍ଦ୍ଦଶା ଭୋଗିବାକୁ ପଡ଼େ। ବାରମ୍ବାର ଏହି ସମସ୍ୟା ଦେଖାଦେଉଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ଥାୟୀ ପ୍ରତିକାର ଦିଗରେ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନାହିଁ, ଯାହା କ୍ଷୋଭର ବିଷୟ ପାଲଟିଛି। ଏଭଳି ପରିସ୍ଥିତିରେ ଯଦି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପଡ଼ିଆରେ ମାଟି ପକାଇ ସମତଳୀକରଣ କରେ, ବୈଜ୍ଞାନିକ ଉପାୟରେ ଉନ୍ନତ ଓ ସୁଦୃଢ଼ ଜଳ ନିଷ୍କାସନ ବ୍ୟବସ୍ଥା ନିର୍ମାଣ କରେ ଏବଂ ବର୍ଷସାରା ଏହାର ନିୟମିତ ରକ୍ଷଣାବେକ୍ଷଣ ପ୍ରତି ଧ୍ୟାନ ଦିଏ, ତେବେ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରନ୍ତା ଏବଂ କ୍ରୀଡ଼ାବିତ୍‌ମାନେ ନିଜର ପ୍ରସ୍ତୁତି ସୁଚାରୁରୂପେ ଜାରି ରଖିପାରନ୍ତେ।

# ସରକାରୀ ପ୍ରୋତ୍ସାହନ ଅଭାବରୁ ବନ୍ଦ ରୁପସା ଝୋଟକଳ



**ବସ୍ତା:** ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ୍ ଅଧୀନ ରୁପସାଠାରେ ଥିବା ଏକମାତ୍ର ଝୋଟକଳ କଞ୍ଚାମାଲର ଘୋର ଅଭାବ ଏବଂ ସରକାରୀ ପ୍ରୋତ୍ସାହନ ନମିଳିବା କାରଣରୁ ୫ ମାସ ହେବ ବନ୍ଦ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳରେ ଝୋଟ ଚାଷ ହ୍ରାସ ପାଇବା ଏବଂ କୋଲକାତାରୁ କଞ୍ଚାମାଲ ଆଣିବା ଆର୍ଥିକ ଦୃଷ୍ଟିକୋଣରୁ କ୍ଷତିକାରକ ସାବ୍ୟସ୍ତ ହେବା ଫଳରେ କାରଖାନାଟି ଅଚଳ ହୋଇପଡ଼ିଛି, ଯାହାଦ୍ୱାରା କାର୍ଯ୍ୟରତ ପ୍ରାୟ ୨୦୦ ଶ୍ରମିକ ପରିବାର ଏବେ ଚରମ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି।

ପୂର୍ବରୁ ବସ୍ତା, ବାଲିଆପାଳ ଓ ଭୋଗରାଇ ସମେତ ଆଖପାଖ ଅଞ୍ଚଳର ଚାଷୀମାନେ ବହୁଳ ମାତ୍ରାରେ ଝୋଟ ଚାଷ କରି ଏହି କାରଖାନାକୁ କଞ୍ଚାମାଲ ଯୋଗାଉଥିଲେ ଏବଂ ଏଠାରେ ତାହାର ପ୍ରକ୍ରିୟାକରଣ କରାଯାଇ ଅଖା ପ୍ରସ୍ତୁତ ହେଉଥିଲା। ମାତ୍ର ସରକାରୀ ପ୍ରୋତ୍ସାହନର ଅଭାବ, ଉପଯୁକ୍ତ ତାଲିମର କମି ଏବଂ ପ୍ରତିକୂଳ ସ୍ଥିତି ଯୋଗୁଁ ଚାଷୀମାନେ ଏହି ଫସଲରୁ ମୁହଁ ଫେରାଇ ନେଲେ। ଫଳସ୍ୱରୂପ, କାରଖାନା କର୍ତ୍ତୃପକ୍ଷ କୋଲକାତାରୁ କଞ୍ଚାମାଲ ଆମଦାନୀ କରୁଥିଲେ। କିନ୍ତୁ ପରିବହନ ଖର୍ଚ୍ଚ ବୃଦ୍ଧି ପାଇବାରୁ ଏହା ଆଦୌ ଲାଭଜନକ ହୋଇପାରିଲା ନାହିଁ। ଶେଷରେ କୌଣସି ବିକଳ୍ପ ନପାଇ ୫ ମାସ ତଳେ କାରଖାନାରେ ତାଲା ପଡିଲା। ବର୍ତ୍ତମାନ କାମଧନ୍ଦା ନପାଇ ଅନେକ ଶ୍ରମିକ ଦାଦନ ଖଟିବାକୁ ଭିନ୍ନ ରାଜ୍ୟକୁ ପଳାୟନ କରୁଛନ୍ତି।

ସରକାର ତୁରନ୍ତ ହସ୍ତକ୍ଷେପ କରି ଚାଷୀଙ୍କୁ ଉନ୍ନତ ତାଲିମ ଏବଂ ଆର୍ଥିକ ସହାୟତା ଯୋଗାଇଦେଲେ ଝୋଟ ଚାଷ ବଞ୍ଚିପାରିବ ବୋଲି ମତ ପ୍ରକାଶ ପାଇଛି। ସେପଟେ କୋଲକାତା ବଦଳରେ ଅନ୍ୟ ସ୍ଥାନରୁ କଞ୍ଚାମାଲ ଆଣିବା ପାଇଁ ଉଦ୍ୟମ ଜାରି ରହିଥିବା ଶୁଣିବାକୁ ମିଳୁଛି। ତେଣୁ ଆସନ୍ତା ମାସରୁ ରୁପସା ଝୋଟକଳ ପୁଣିଥରେ ଚାଲିବା ନେଇ ସମସ୍ତେ ଆଶାବାଦୀ ଅଛନ୍ତି।

# ମାସେ ହେଲା ମିଳୁନି ରୋଟା ଭ୍ୟାକ୍ସିନ୍



**ବସ୍ତା:** ବାଲେଶ୍ୱର ଜିଲ୍ଲା ସମେତ ସମଗ୍ର ରାଜ୍ୟର ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘ ବେଶ୍ କିଛି ଦିନ ହେବ ଶିଶୁମାନଙ୍କ ପାଇଁ ଅଭିପ୍ରେତ ଜୀବନରକ୍ଷାକାରୀ 'ରୋଟା ଭ୍ୟାକ୍ସିନ୍' ମିଳୁ ନଥିବା ଅଭିଯୋଗ ହୋଇଛି, ଯାହାଫଳରେ ବର୍ଷା ଋତୁରେ ରୋଟା ଭାଇରସ ଜନିତ ସଂକ୍ରମଣ ଓ ଝାଡ଼ା ବ୍ୟାଧିର ଆଶଙ୍କା ବଢ଼ିବା ସହ ଶିଶୁ ସ୍ୱାସ୍ଥ୍ୟକୁ ନେଇ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଚିନ୍ତା ଓ ଅସନ୍ତୋଷ ପ୍ରକାଶ ପାଇଛି। ଡାକ୍ତରୀ ନିୟମ ଅନୁଯାୟୀ, ଶିଶୁଙ୍କୁ ରୋଟା ଭାଇରସ ଜନିତ ଝାଡ଼ାରୁ ସୁରକ୍ଷା ଦେବା ପାଇଁ ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ଟିକାର ୩ଟି ଡୋଜ୍ ଦିଆଯିବାର ବ୍ୟବସ୍ଥା ରହିଛି। ମାତ୍ର ବାଲେଶ୍ୱର ଜିଲ୍ଲା ବସ୍ତା ଅଞ୍ଚଳରେ ଥିବା ମଡେଲ ସ୍କୁଲ ନିକଟସ୍ଥ ସରକାରୀ ପଲ୍ସ ପୋଲିଓ କେନ୍ଦ୍ରକୁ ଯେତେବେଳେ ସ୍ଥାନୀୟ ଅଚ୍ୟୁତାନନ୍ଦ ଦେ' ନିଜର ୩ ମାସର ଶିଶୁପୁତ୍ରକୁ ଏବଂ ଯୋଗେଶ୍ୱର ସାହୁ ନିଜର ୨ ମାସର ଶିଶୁପୁତ୍ରକୁ ଟିକାକରଣ ପାଇଁ ନେଇଥିଲେ, ସେଠାରେ ଟିକା ଉପଲବ୍ଧ ନଥିବା ଜଣାପଡ଼ିଥିଲା।

ସେଠାରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀମାନେ ଭ୍ୟାକ୍ସିନ୍ ଶେଷ ହୋଇଯାଇଥିବା ଏବଂ ନୂତନ ଷ୍ଟକ୍ ଆସିଲେ ତାହା ଦିଆଯିବ ବୋଲି କହି ଅଭିଭାବକମାନଙ୍କୁ ଫେରାଇ ଦେଇଥିଲେ। ତେବେ ସବୁଠାରୁ ସଙ୍ଗୀନ ଓ ସ୍ପର୍ଶକାତର ଅଭିଯୋଗ ହେଉଛି ଯେ, ଶିଶୁମାନଙ୍କୁ ପ୍ରକୃତରେ ରୋଟା ଟିକା ଦିଆଯାଇ ନଥିଲେ ମଧ୍ୟ ସେମାନଙ୍କ ପୋଲିଓ କାର୍ଡରେ ମିଥ୍ୟା ଭାବେ ଟିକାକରଣର ତାରିଖ ଉଲ୍ଲେଖ କରାଯାଇଛି। ସେପଟେ ସ୍ୱାସ୍ଥ୍ୟକର୍ମୀ କହୁଛନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ହିଁ ରୋଟା ଭ୍ୟାକ୍ସିନର ଯୋଗାଣ ବନ୍ଦ ଥିବା ସ୍ୱୀକାର କରିଛନ୍ତି। କିନ୍ତୁ ଟିକା ନଦେଇ କାର୍ଡରେ ତାରିଖ ଲେଖାଯିବା ଅଭିଯୋଗକୁ କେହି ସ୍ୱୀକାର କରୁନାହାନ୍ତି। ଯାହାକୁ ନେଇ ଏବେ ଜନସାଧାରଣରେ ଗଭୀର ଉଦବେଗ ପ୍ରକାଶ ପାଇଛି।

# ଶୋଭାରାମପୁର ଓଭରବ୍ରିଜ୍‌ରେ ସୋଲାର ଲାଇଟ୍ ଅଚଳ

**ବାଲେଶ୍ୱର:** ବାଲେଶ୍ୱର ସହରର ପ୍ରମୁଖ ଯୋଗାଯୋଗ ମାଧ୍ୟମ ତଥା ଜନଗହଳିପୂର୍ଣ୍ଣ ଶୋଭାରାମପୁର ଓଭରବ୍ରିଜ୍‌ରେ ଗତ ଲଗାତାର ଏକ ବର୍ଷ ଧରି ଅଧିକାଂଶ ସୋଲାର ଲାଇଟ୍ ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇପଡ଼ିଛି। ପୂର୍ତ୍ତ ବିଭାଗ ଏବଂ ପୌରପାଳିକା ପ୍ରଶାସନ ମଧ୍ୟରେ ରକ୍ଷଣାବେକ୍ଷଣ ଦାୟିତ୍ୱକୁ ନେଇ ଦୀର୍ଘ ଦିନ ଧରି ଚାଲିଥିବା ଛକାପଞ୍ଝା ଓ ଦୋଷ ଠେଲାପେଲା କାରଣରୁ ମରାମତି ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଛି, ଯାହା ଫଳରେ ରାତି ସମୟରେ ଯାତାୟାତ କରୁଥିବା ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



ସୂଚନାଯୋଗ୍ୟ ଯେ, ଗତ ୨୦୨୨ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ପ୍ରାୟ ୬୪ କୋଟି ଟଙ୍କା ବିପୁଳ ବ୍ୟୟ ଅଟକଳରେ ନିର୍ମିତ ଏହି ବିଶାଳ ବ୍ରିଜ୍ ଉଦ୍‌ଘାଟିତ ହୋଇଥିଲା। ସହରର ଏହି ପ୍ରଥମ ଅତ୍ୟାଧୁନିକ ଓଭରବ୍ରିଜ୍‌ରେ ପାଖାପାଖି ୩୫ ଲକ୍ଷ ଟଙ୍କା ବିନିମୟରେ ଅତ୍ୟାଧୁନିକ ସେନ୍‌ସର୍ ଯୁକ୍ତ ୭୦ରୁ ଊର୍ଦ୍ଧ୍ୱ ସୋଲାର ଲାଇଟ୍ ଉଭୟ ପାର୍ଶ୍ୱରେ ସ୍ଥାପନ କରାଯାଇଥିଲା। ବିଡ଼ମ୍ବନାର ବିଷୟ, ବର୍ତ୍ତମାନ କେତେକ ଖୁଣ୍ଟରେ ଆଦୌ ଲାଇଟ୍ ନଥିବା ବେଳେ ଲାଗିଥିବା ଲାଇଟ୍ ଗୁଡ଼ିକ ମଧ୍ୟ ନିଜର ଦେଖାଦର୍ଶନ ଦେଉନାହାନ୍ତି ତଥା ଆଲୋକ ପ୍ରଦାନ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି।

ଏହି ଲାଇଟ୍ ଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ସମ୍ପୃକ୍ତ ଠିକା ସଂସ୍ଥା ନେଇଥିବା ତିନି ବର୍ଷର ଚୁକ୍ତି ଅବଧି ଶେଷ ହେବା ପରେ ହିଁ ପ୍ରକୃତ ସମସ୍ୟା ଉପୁଜିଛି। ସାଧାରଣ ନିୟମ ଅନୁଯାୟୀ, ସହର ଭିତରେ ବ୍ରିଜ୍ କାମ ସରିବା ପରେ ରାସ୍ତା ଆଲୋକୀକରଣ ଦାୟିତ୍ୱ ପୌରପାଳିକା ବୁଝିବା କଥା ବୋଲି ପୂର୍ତ୍ତ ବିଭାଗ ନିଜର ଯୁକ୍ତି ବାଢ଼ୁଛି। ଅନ୍ୟପକ୍ଷରେ, ପୌରାଧ୍ୟକ୍ଷା ସବିତା ସାହୁ ଏହାକୁ ଖଣ୍ଡନ କରି ସ୍ପଷ୍ଟ କରିଛନ୍ତି ଯେ ପୌରପାଳିକା ଏହି ଲାଇଟ୍ ଲଗାଇନାହିଁ। ଏହାବ୍ୟତୀତ, ପୂର୍ତ୍ତ ବିଭାଗ ପକ୍ଷରୁ ସେମାନଙ୍କୁ ଆଜି ପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ହସ୍ତାନ୍ତର କରାଯାଇନାହିଁ କିମ୍ବା ବିଧିବଦ୍ଧ ଚିଠି ଆସିନାହିଁ। ତେଣୁ ବିନା ହସ୍ତାନ୍ତରରେ ସେମାନେ କିପରି ଏହାର ମରାମତି ଦାୟିତ୍ୱ ନେବେ, ତାହା ଏବେ ଏକ ପ୍ରଶ୍ନବାଚୀ। ଉଭୟ ବିଭାଗର ଏପରି ଖାମଖିଆଲି ମନୋଭାବ ଯୋଗୁଁ ସାଧାରଣ ଅର୍ଥର ଅପଚୟ ହେଉଛି।

# ମୃତ ବ୍ୟକ୍ତିଙ୍କ ନାଁରେ ଶ୍ରମକାର୍ଡ କରି ହରିଲୁଟ୍

**ବାଲେଶ୍ୱରସ୍ଥ:** ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ଏକ ବୃହତ୍ ତଥା ସୁଚିନ୍ତିତ ଦୁର୍ନୀତିର ପର୍ଦ୍ଦାଫାଶ ହୋଇଛି। ସ୍ୱାସ୍ଥ୍ୟ ଏବଂ ଶ୍ରମ ବିଭାଗର କିଛି ଲାଞ୍ଚୁଆ କର୍ମଚାରୀ ଓ ଦଲାଲଙ୍କ ଏକ ସିଣ୍ଡିକେଟ୍ ସମ୍ପୂର୍ଣ୍ଣ ବେଆଇନ ଭାବେ ଜଣେ ମୃତ ମହିଳାଙ୍କ ନାମରେ ଜାଲ୍ ନଥିପତ୍ର ଏବଂ କାର୍ଯ୍ୟାଦେଶ ପ୍ରସ୍ତୁତ କରି ଲକ୍ଷାଧିକ ଟଙ୍କାର ସରକାରୀ ସହାୟତା ରାଶି ହରିଲୁଟ୍ କରିଛନ୍ତି। ଏହି ଚାଞ୍ଚଲ୍ୟକର ଘଟଣାଟି ଭୋଗରାଇ ଥାନା ଅନ୍ତର୍ଗତ ଜାଲପାହି ଗ୍ରାମର ମିନତି ସେନାପତିଙ୍କ କ୍ଷେତ୍ରରେ ଘଟିଛି। ମିଳିଥିବା ସୂଚନା ମୁତାବକ, ୨୦୧୫ ମସିହା ଅଗଷ୍ଟ ୪ ତାରିଖରେ କଟକ ବଡ଼ ଡାକ୍ତରଖାନାରେ ମିନତିଙ୍କର ଦେହାନ୍ତ ହୋଇଥିଲା। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ତାଙ୍କ



ମୃତ୍ୟୁର ଠିକ୍ ତିନି ଦିନ ପରେ ଅସାଧୁ ରାକେଟ୍ ତାଙ୍କୁ ଜଣେ ଜୀବିତ ତଥା ସକ୍ରିୟ ନିର୍ମାଣ ଶ୍ରମିକ ଭାବେ ବିଭାଗୀୟ ଖାତାରେ ପଞ୍ଜିକୃତ କରାଇଥିଲେ। କେବଳ ଏତିକି ନୁହେଁ, ଏହି ସମ୍ପୂର୍ଣ୍ଣ ମିଥ୍ୟା କାରବାରକୁ ବୈଧ ରୂପ ଦେବା ଉଦ୍ଦେଶ୍ୟରେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କିଛି ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ସହାୟତାରେ ଅଗଷ୍ଟ ୧୧ ତାରିଖ ଦର୍ଶାଇ ଏକ ନକଲି ମୃତ୍ୟୁ ପ୍ରମାଣପତ୍ର ମଧ୍ୟ ହାସଲ କରାଯାଇଥିଲା। ସରକାରୀ ନିୟମ ଅନୁଯାୟୀ, ଜଣେ ବ୍ୟକ୍ତିଙ୍କୁ ନିର୍ମାଣ ଶ୍ରମିକ ଭାବେ ମାନ୍ୟତା ମିଳିବା ପାଇଁ ଶ୍ରମ ନିରୀକ୍ଷକ କିମ୍ବା ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଗଠନ ପକ୍ଷରୁ କ୍ଷେତ୍ର ପରିଦର୍ଶନ ଓ ସୁପାରିଶ ଏକାନ୍ତ ଆବଶ୍ୟକ। ତେବେ ଏଠାରେ ବିଭାଗୀୟ ଯାଞ୍ଚ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଜଳାଞ୍ଜଳି ଦିଆଯାଇଛି। ଖୋଦ୍ ଶ୍ରମ ଅଧିକାରୀ ଅକ୍ଷୟ କେଶରୀ ପ୍ରଧାନ ବିନା କୌଣସି ପ୍ରାଥମିକ ଅନୁସନ୍ଧାନରେ ଏହି ଆବେଦନକୁ ଗ୍ରହଣ କରିବା ସହ ନିଜ ସ୍ୱାକ୍ଷରରେ ଏକ ମୃତ ଶରୀର ନାମରେ ଶ୍ରମିକ କାର୍ଡ ପ୍ରଦାନ କରିବା ପ୍ରଶାସନିକ ସ୍ୱଚ୍ଛତା ଉପରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଦୀର୍ଘଦିନ ଧରି ତଳସ୍ତରରେ ସକ୍ରିୟ ଥିବା ସ୍ୱାସ୍ଥ୍ୟ, ଶ୍ରମ ଓ ପୋଲିସ ବିଭାଗର ଏହି ତ୍ରିସ୍ତରୀୟ ଅସାଧୁ ମେଣ୍ଟ ଯୋଗୁଁ ବାସ୍ତବରେ ହକ୍‌ଦାର ଥିବା ଗରିବ ଶ୍ରମିକମାନେ ଯୋଜନାର ଲାଭରୁ ବଞ୍ଚିତ ହେଉଥିବା ବେଳେ ମଧ୍ୟସ୍ଥିମାନେ ରାତାରାତି ମାଲେମାଲ ହେଉଛନ୍ତି। ଏହି ସମ୍ବେଦନଶୀଳ ଦୁର୍ନୀତି ପ୍ରସଙ୍ଗରେ ରାଜ୍ୟ ଶ୍ରମ କମିଶନର ଚିନ୍ମୟୀ ତ୍ରିପାଠୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ସେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଘଟଣାକୁ ଗମ୍ଭୀରତାର ସହ ନେଇ ସେ ଏହାର ଏକ ନିରପେକ୍ଷ ତଥା ଉଚ୍ଚସ୍ତରୀୟ ତଦନ୍ତ କରିବା ସହିତ ଏହି ଘୋଟାଲାରେ ସମ୍ପୃକ୍ତ ଥିବା ଦୋଷୀମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି।

# ବାଲେଶ୍ୱରରେ ବଢୁଛି ଅପରାଧ ସିସିଟିଭି ଦାବି ଜୋରଦାର



**ବାଲେଶ୍ୱର:** ବାଲେଶ୍ୱର ସହରରେ ଦିନକୁ ଦିନ ଚୋରି, ଲୁଟ୍ ଏବଂ ହତ୍ୟା ଭଳି ସଙ୍ଗିନ ଅପରାଧ ବୃଦ୍ଧି ପାଉଥିବାରୁ ଏବେ ସାଧାରଣ ନାଗରିକଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିକଟରେ ସ୍ଥାନୀୟ ବ୍ୟବସାୟୀ ଏସ୍.କେ. ହମିଦଙ୍କୁ ଦିନଦ୍ୱିପହରରେ ଗୁଳିକରି ହତ୍ୟା କରାଯିବା ଘଟଣା ସମଗ୍ର ସହରରେ ଆତଙ୍କ ଖେଳାଇ ଦେଇଛି। ଏହି ପରିପ୍ରେକ୍ଷୀରେ, ସହରର ଆଇନଶୃଙ୍ଖଳା ପରିସ୍ଥିତିକୁ ସୁଧାରିବା, ଅପରାଧ ନିୟନ୍ତ୍ରଣ କରିବା ତଥା ପୁଲିସର ତଦନ୍ତ ପ୍ରକ୍ରିୟାକୁ ସହଜ କରିବା ପାଇଁ ସହରବାସୀ ତୁରନ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅଧିକ ସିସିଟିଭି ଲଗାଇବାକୁ ଦାବି କରିଛନ୍ତି।

ବ୍ୟବସାୟୀ ଏସ୍.କେ. ହମିଦ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତଙ୍କ ପାଖରେ ପହଞ୍ଚିବାରେ ପୁଲିସର ବିଫଳତା ସାଧାରଣ ଲୋକଙ୍କ ଅସନ୍ତୋଷକୁ ଆହୁରି ବଢ଼ାଇ ଦେଇଛି। ସୁରକ୍ଷା ବିଶେଷଜ୍ଞଙ୍କ ମତରେ, ଯଦି ସହରର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଉନ୍ନତମାନର କାର୍ଯ୍ୟକ୍ଷମ ସିସିଟିଭି ଥାଆନ୍ତା, ତେବେ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ସହଜ ହୋଇଥାନ୍ତା। ପୂର୍ବରୁ ପୁଲିସ, ସଚେତନ ନାଗରିକ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ଉଦ୍ୟମରେ ଲଗାଯାଇଥିବା କ୍ୟାମେରାଗୁଡ଼ିକ ବାଲେଶ୍ୱର ଭଳି ବୃହତ୍ ସହର ପାଇଁ ଆଦୌ ପର୍ଯ୍ୟାପ୍ତ ନୁହେଁ। ଅଧିକନ୍ତୁ, ସେଥିମଧ୍ୟରୁ ଅନେକ କ୍ୟାମେରା ରକ୍ଷଣାବେକ୍ଷଣ ଅଭାବରୁ ଅଚଳ ହୋଇପଡ଼ିଥିବାରୁ ଅପରାଧୀମାନେ ସହଜରେ ଖସିଯାଉଛନ୍ତି ଯାହା ନଜରଦାରୀ ବ୍ୟବସ୍ଥାକୁ ଦୁର୍ବଳ କରୁଛି।

ଅନ୍ୟପକ୍ଷରେ, ବାଲେଶ୍ୱର ଅତିରିକ୍ତ ଏସ୍‌ପି ଦେବଜ୍ୟୋତି ଦାଶ ସୂଚନା ଦେଇଛନ୍ତି ଯେ ବର୍ତ୍ତମାନ ସହରର ୧୧୪ଟି ସ୍ଥାନରେ ସିସିଟିଭି ଲାଗିଛି ଏବଂ ସେଥିରୁ ଅଧିକାଂଶ କାର୍ଯ୍ୟକ୍ଷମ ରହିଛି। ଏହି କ୍ୟାମେରା ଫୁଟେଜ୍ ଆଧାରରେ ପୁଲିସ ଅନେକ ଜଟିଳ ଅପରାଧିକ ମାମଲାର ସଫଳ ସମାଧାନ କରିପାରିଛି। ତଥାପି, କେବଳ ବେସରକାରୀ ପ୍ରୟାସ ଉପରେ ନିର୍ଭର ନକରି, ରାଜ୍ୟ ସରକାର ନିଜ ଆଡ଼ୁ ଉଚ୍ଚ ଜ୍ଞାନକୌଶଳ ସମ୍ପନ୍ନ ସିସିଟିଭି କ୍ୟାମେରା ସ୍ଥାପନ କରିବା ନିତାନ୍ତ ଆବଶ୍ୟକ। ପୁରୁଣା କ୍ୟାମେରାଗୁଡ଼ିକର ନିୟମିତ ରକ୍ଷଣାବେକ୍ଷଣ ସହ ସହରରେ ଆଧୁନିକ ନଜରଦାରୀ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ସାଧାରଣରେ ମତ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହୋଇଛି।

# ଭୋଗରାଇରେ ସୁବର୍ଣ୍ଣରେଖା ବିପଦ: ଅସୁରକ୍ଷିତ ୧୫ ଗାଁ

**କମର୍ଦ୍ଦା:** ଭୋଗରାଇ ବ୍ଲକ୍ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀ କୂଳରେ ବସବାସ କରୁଥିବା ପ୍ରାୟ ୧୫ଟି ଗ୍ରାମର ଲୋକେ ଏବେ ଘୋର ଆତଙ୍କ ମଧ୍ୟରେ ଦିନ କାଟୁଛନ୍ତି। ଉପଯୁକ୍ତ ନଦୀବନ୍ଧ ଏବଂ ସ୍ଥାୟୀ ତଟ ସୁରକ୍ଷା ବ୍ୟବସ୍ଥା ଅଭାବରୁ ଲଗାତାର ମୃତ୍ତିକା କ୍ଷୟ ଘଟି ଗାଁଗୁଡ଼ିକ ଏବେ ନଦୀ ଗର୍ଭରେ ଲୀନ ହେବାକୁ ବସିଲାଣି। ପ୍ରଶାସନିକ ଉଦାସୀନତା ଯୋଗୁଁ ନଦୀକୂଳିଆ ଅଞ୍ଚଳରେ ଧନଜୀବନ ପ୍ରତି ବିପଦ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି।



ଗତବର୍ଷ ଆସିଥିବା ଦୁଇଟି ଭୟଙ୍କର ବନ୍ୟା ଏହି ସମଗ୍ର ଅଞ୍ଚଳର ମେରୁଦଣ୍ଡକୁ ଭାଙ୍ଗିଦେଇଥିଲା। ବର୍ତ୍ତମାନ ଦହମୁଣ୍ଡା, ଆରୁହାବୃତ୍ତି, ରସଲପୁର, ମନୁନଗର ଓ ନଥିପୁର ଭଳି ଗାଁର ସୀମାକୁ ସୁବର୍ଣ୍ଣରେଖା ନିଜ ଆଁ ଭିତରକୁ ଟାଣି ନେଉଛି। ରାସ୍ତାଘାଟ, ଗଛଲତା ସହ ଚାଷଜମି ନଦୀ ଗର୍ଭକୁ ଖସି ପଡୁଛି। ସ୍ଥାନୀୟ ନେତା ଓ ବୁଦ୍ଧିଜୀବୀମାନେ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ସୁଦ୍ଧା ଭିତ୍ତିଭୂମିରେ କୌଣସି ସୁଧାର ଆସିପାରିନାହିଁ। ଏପରିକି ଗୁରୁତ୍ୱପୂର୍ଣ୍ଣ ସଂଯୋଗକାରୀ ରାସ୍ତା 'ତଳଦା-ଖବାଡ଼ିଆ ଟିଆର୍‌ଆର୍ (ଟେଷ୍ଟୁ ରିଲିଫ୍ ବନ୍ଧ)' ଏବେ ସମ୍ପୂର୍ଣ୍ଣ ବିପଦସଙ୍କୁଳ ଅବସ୍ଥାରେ ରହିଛି।

ବିଭାଗୀୟ ସୂଚନା ଅନୁଯାୟୀ, ୩୪ଟି ଅସୁରକ୍ଷିତ ସ୍ଥାନର ସୁରକ୍ଷା ପାଇଁ ୩୧ କୋଟି ଟଙ୍କାର ଏକ ପ୍ରସ୍ତାବ ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଯାଇଛି। ବନ୍ୟାରେ ସର୍ବାଧିକ କ୍ଷତିଗ୍ରସ୍ତ ୮, ୯, ୧୦ ଓ ୧୭ ନମ୍ବର ସ୍ଥାନର ୪୫୦ ମିଟର ଅଞ୍ଚଳରେ ପ୍ୟାଚିଂ ଓ ଲଞ୍ଚିଂ ନିମନ୍ତେ ଦୁଇଟି ପର୍ଯ୍ୟାୟରେ ଯଥାକ୍ରମେ ୫ କୋଟି ୯୫ ଲକ୍ଷ ଏବଂ ୯ କୋଟି ୮୧ ଲକ୍ଷ ଟଙ୍କାର ଅଟକଳ ପ୍ରସ୍ତୁତ ହୋଇଛି। ସେହିପରି ଅନ୍ୟ ଏକ ୮୮୦ ମିଟର ବିପଦସଙ୍କୁଳ ଅଞ୍ଚଳ ନିମନ୍ତେ ୫ କୋଟି ୨୪ ଲକ୍ଷ ଟଙ୍କାର ବ୍ୟୟବରାଦ ହୋଇଛି। କେବଳ କାଗଜପତ୍ରରେ ଯୋଜନା ଓ ଅଟକଳ ପ୍ରସ୍ତୁତ ହେଉଥିବାରୁ ବିଭାଗୀୟ ଦକ୍ଷତାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଯୋଜନାଗୁଡ଼ିକୁ କେବଳ ଫାଇଲରେ ସୀମିତ ନରଖି, ତୁରନ୍ତ ଏହାର କାର୍ଯ୍ୟକାରୀ କରିବାକୁ ସବୁମହଲରୁ ଦାବି ହୋଇଛି।

# ସରକାରୀ ଅବହେଳାର ଶିକାର ଜଳେଶ୍ୱର ଆରସିଏମ୍ଏସ୍

**ଜଳେଶ୍ୱର:** ଜଳେଶ୍ୱର ତଥା ଭୋଗରାଇ ଅଞ୍ଚଳର ଚାଷୀଙ୍କ ଉନ୍ନତି ପାଇଁ ୧୯୫୮ ମସିହାରେ ପ୍ରତିଷ୍ଠିତ ଜଳେଶ୍ୱର ଆଞ୍ଚଳିକ ବାଣିଜ୍ୟିକ ସମବାୟ ସମିତି (ଆରସିଏମ୍ଏସ୍) କ୍ରମାଗତ ସରକାରୀ ଅବହେଳା ଓ ତ୍ରୁଟିପୂର୍ଣ୍ଣ ନୀତି କାରଣରୁ ଏବେ ନିଜର ଶେଷ ନିଃଶ୍ୱାସ ଗଣୁଛି। ଦିନେ କୋଟି କୋଟି ଟଙ୍କାର ବ୍ୟବସାୟ କରୁଥିବା ଏହି ସମ୍ପନ୍ନ ତଥା ଲାଭଜନକ ସଂସ୍ଥା ଏବେ ଏକ ଜରାଜୀର୍ଣ୍ଣ ଆଜବେଷ୍ଟସ୍ ଛପର ଘରେ କେବଳ ଦୁଇ ଜଣ କର୍ମଚାରୀଙ୍କୁ ନେଇ ଧୁକୁଧୁକୁ ହୋଇ ଚାଲିଛି।



୩୦ଟି ପ୍ରାଥମିକ କୃଷି ସମବାୟ ସମିତିକୁ ନେଇ ଗଠିତ ଏହି ସଂସ୍ଥା ଏକଦା ଚାଷୀମାନଙ୍କୁ ସାର, ବିହନ ଯୋଗାଇବା ସହିତ କୃଷିଜାତ ଦ୍ରବ୍ୟର ମାର୍କେଟିଂ କରୁଥିଲା। ସେତେବେଳେ ଏଠାରେ ୨୫ ଜଣ ବେତନଭୋଗୀ କର୍ମଚାରୀ କାର୍ଯ୍ୟ କରୁଥିଲେ। ମାତ୍ର ୧୯୮୨ ମସିହାରେ ସରକାର ଏହାର ଦାୟିତ୍ୱ ମାର୍କଫେଡ୍‌କୁ ହସ୍ତାନ୍ତର କରିବା ଓ ପରେ ଏଜେଣ୍ଟ ଦାୟିତ୍ୱ ଛଡ଼ାଇ ନେବା ଫଳରେ ଘୋର ଆର୍ଥିକ ସଙ୍କଟ ଉପୁଜିଥିଲା। ଫଳରେ ଦରମା ନପାଇ କର୍ମଚାରୀମାନେ ବାଧ୍ୟ ହୋଇ ଚାକିରି ଛାଡିଥିଲେ।

ବର୍ତ୍ତମାନ ଏଠାରେ କେବଳ ଜଣେ ସମ୍ପାଦକ ଏବଂ ଅନ୍ୟ ଜଣେ ଜଗୁଆଳି ନାମକୁ ମାତ୍ର ରହିଛନ୍ତି। ବିଭାଗ ପକ୍ଷରୁ ସେମାନଙ୍କୁ ଦରମା ମିଳୁନଥିବାରୁ, ସତୁରି ଦଶକରେ ନିର୍ମିତ ତିନୋଟି ଗୋଦାମ ଘରର ଭଡ଼ା ଆଦାୟରୁ ସେମାନଙ୍କୁ ଦୈନିକ ମଜୁରୀ ହିସାବରେ ପାଉଣା ଦିଆଯାଉଛି। ସବୁଠାରୁ ବଡ଼ ବିଡ଼ମ୍ବନା ହେଉଛି, ଯେଉଁ ୩ ଡେସିମିଲି ଜମି ଉପରେ ଏହି ଅଫିସ୍ ଚାଲିଛି, ତାହା ସରକାରୀ ରେକର୍ଡରେ ଏବେବି 'ଅନାବାଦି' କିସମରେ ରହିଛି। ଜମିର ମାଲିକାନା ପାଇଁ ରାଜସ୍ୱ ବିଭାଗକୁ ବାରମ୍ବାର ଆବେଦନ ସତ୍ତ୍ୱେ ସୁଫଳ ମିଳିନି, ଫଳରେ କୋଟି କୋଟି ଟଙ୍କାର ବହୁମୂଲ୍ୟ ସମ୍ପତ୍ତି ଏବେ ଅବହେଳିତ ହୋଇ ପଡ଼ିରହିଛି।

ଏଭଳି ସ୍ଥିତିରେ ସ୍ଥାନୀୟ ଚାଷୀ, ବୁଦ୍ଧିଜୀବୀ ଓ ରାଜନୈତିକ ନେତୃବୃନ୍ଦ ଏହାର ତୁରନ୍ତ ପୁନରୁଦ୍ଧାର ପାଇଁ ଦୃଢ଼ ଦାବି କରିଛନ୍ତି।

# ବିପଦରେ ଭୋଗରାଇର ୪୦ ଗାଁ

**ଭୋଗରାଇ:** ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ଉପକୂଳବର୍ତ୍ତୀ ୧୫ କିଲୋମିଟର ଅଞ୍ଚଳରେ ଏବେ ଉତ୍କଟ ସାମୁଦ୍ରିକ କ୍ଷୟ ଦେଖାଦେଇଛି। ପ୍ରତିବର୍ଷ ଲଗାତାର ବନ୍ୟା, ବାତ୍ୟା ଏବଂ ଭୟଙ୍କର ସାମୁଦ୍ରିକ ଜୁଆର ମାଡ଼ରେ ୧୦ଟି ପଞ୍ଚାୟତର ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଗ୍ରାମ ଏବେ ସମୁଦ୍ର ଗର୍ଭରେ ଲୀନ ହେବାକୁ ବସିଲାଣି। ବେଆଇନ ବାଲି ଉତ୍ତୋଳନ ଏବଂ ପ୍ରାକୃତିକ ସୁରକ୍ଷା ବଳୟ ନଷ୍ଟ ହେବା କାରଣରୁ କୀର୍ତ୍ତନିଆଠାରୁ ତାଳସାରି ପର୍ଯ୍ୟନ୍ତ ସମୁଦ୍ର ସିଧାସଳଖ ଜନବସତି ଆଡ଼କୁ ମାଡ଼ି ଆସୁଛି। ସମସ୍ୟାର ସମାଧାନ ପାଇଁ ୨୮୩ କୋଟି ଟଙ୍କାର ବ୍ୟୟବରାଦ ହୋଇଥିଲେ ସୁଦ୍ଧା ଅର୍ଥ ଅଭାବରୁ ସୁରକ୍ଷା ପ୍ରାଚୀର ନିର୍ମାଣ କାର୍ଯ୍ୟ ଆରମ୍ଭ ନହେବା ସ୍ଥାନୀୟ ପ୍ରଶାସନର ଉଦାସୀନତାକୁ ପଦାରେ ପକାଇଛି।

ଏହି ସାଂଘାତିକ ଭୌଗୋଳିକ ପରିବର୍ତ୍ତନ ଯୋଗୁଁ ଉପକୂଳ ଅଞ୍ଚଳର କୃଷିଭିତ୍ତିକ ଅର୍ଥନୀତି ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ି ପଡ଼ିବା ସହ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହେବାରେ ଲାଗିଛି। ସମୁଦ୍ର ନିଜର ପ୍ରାକୃତିକ ସୀମା ଲଙ୍ଘି ଗାଁ ଆଡ଼କୁ ଦ୍ରୁତଗତିରେ ଅଗ୍ରସର ହେଉଥିବାରୁ ନାରାୟଣ ମହାନ୍ତିପଡ଼ିଆ, କାଉଁଶଗୀରି, ଭୁଷୁଣ୍ଡିହାଜିରା, ଗୋହିଦାଟେଙ୍କରି, ଏବଂ ସାହାବାଜିପୁର ଭଳି ପ୍ରମୁଖ ତଥା ଜନଗହଳିପୂର୍ଣ୍ଣ ଗ୍ରାମଗୁଡ଼ିକର ଅସ୍ତିତ୍ୱ ଏବେ ଘୋର ସଂକଟରେ ପଡ଼ିଛି। ପ୍ରାକୃତିକ ବାଲୁକାସ୍ତୂପଗୁଡ଼ିକ କ୍ରମାଗତ ଭାବେ କ୍ଷୟ ହେବା ଫଳରେ ସମୁଦ୍ର ଲହଡ଼ି ସିଧାସଳଖ ଗାଁ ଭିତରକୁ ପ୍ରବେଶ କରିବାକୁ ବାଟ ପାଇଯାଇଛି, ଯାହା ସ୍ଥାନୀୟ ବାସିନ୍ଦାଙ୍କ ମନରେ କୋକୁଆ ଭୟ ସୃଷ୍ଟି କରିଛି। ଲୋକେ ପ୍ରତି ମୁହୂର୍ତ୍ତରେ ଭିଟାମାଟି ହରାଇବାର ଆଶଙ୍କାରେ ଦିନ କାଟୁଛନ୍ତି।

କେବଳ ପ୍ରାକୃତିକ ବିପର୍ଯ୍ୟୟ ନୁହେଁ, ବରଂ ମନୁଷ୍ୟକୃତ କାରଣ ମଧ୍ୟ ଏହି ସ୍ଥିତିକୁ ଅଧିକ ଜଟିଳ କରିଦେଇଛି। ଉପକୂଳରୁ ବ୍ୟାପକ ମାତ୍ରାରେ ଚାଲିଥିବା ବେଆଇନ ବାଲି ଉତ୍ତୋଳନ ଏବଂ ପ୍ରାକୃତିକ ପ୍ରାଚୀର ସାଜିଥିବା ଝାଉଁ ଜଙ୍ଗଲର ଅବାଧ ବିନାଶ ଯୋଗୁଁ ସମୁଦ୍ର କୂଳ ଏବେ ସମ୍ପୂର୍ଣ୍ଣ ମୁକୁଳା ଓ ଅସୁରକ୍ଷିତ ହୋଇପଡ଼ିଛି। ଏହି ପ୍ରାକୃତିକ ସୁରକ୍ଷା କବଚ ଅଭାବରୁ ସମୁଦ୍ର ଅତି ସହଜରେ କୂଳ ଖାଇବାରେ ଲାଗିଛି।

ଅନ୍ୟପକ୍ଷରେ, ଏହି ଗମ୍ଭୀର ସମସ୍ୟାର ମୁକାବିଲା ପାଇଁ ଏକ ସ୍ଥାୟୀ ସୁରକ୍ଷା ପ୍ରାଚୀର ନିର୍ମାଣ ନିମନ୍ତେ ପ୍ରଶାସନ ପକ୍ଷରୁ ୨୮୩ କୋଟି ଟଙ୍କାର ଏକ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଜଳସମ୍ପଦ ବିଭାଗ ପକ୍ଷରୁ ଗୋହିଦାଟେଙ୍କରି ଅଞ୍ଚଳରେ ୨ କିଲୋମିଟର ଏବଂ କୀର୍ତ୍ତନିଆଠାରେ ପ୍ରାୟ ୧୧୦୦ ମିଟର ଦୈର୍ଘ୍ୟର ପଥର ବନ୍ଧ ନିର୍ମାଣ ପାଇଁ ଆନୁଷ୍ଠାନିକ ଅନୁମୋଦନ ମଧ୍ୟ ମିଳିସାରିଛି। ମାତ୍ର ବିଡ଼ମ୍ବନାର ବିଷୟ, ସରକାରୀ ସ୍ତରରେ ଏପର୍ଯ୍ୟନ୍ତ ଆବଶ୍ୟକୀୟ ଅର୍ଥ ମଞ୍ଜୁର ହୋଇନଥିବାରୁ କାମର ଶୁଭାରମ୍ଭ ହୋଇପାରିନାହିଁ। ପ୍ରଶାସନର ଏଭଳି ବିଳମ୍ବ ନୀତି ଲୋକଙ୍କ ଅସହାୟତାକୁ ଆହୁରି ବଢ଼ାଇ ଦେଇଛି।

# ସୁବର୍ଣ୍ଣରେଖା ଉଜାଡୁଛି ଜୀବନ ଜୀବିକା



**ଲଙ୍ଗଳେଶ୍ୱର:** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକର ଜୀବନଧାରା କୁହାଯାଉଥିବା ସୁବର୍ଣ୍ଣରେଖା ନଦୀ ଏବେ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ବିପଦର କାରଣ ପାଲଟିଛି। ନଦୀ ମୁହାଣ ପୋତି ହୋଇଯିବା ଏବଂ 'ସୁବର୍ଣ୍ଣରେଖା ସଂସ୍କାର ଯୋଜନା' କାର୍ଯ୍ୟକାରୀ ନହେବା ଫଳରେ ବର୍ଷକୁ ଏକାଧିକ ଥର ଆସୁଥିବା ବନ୍ୟା ପ୍ରାୟ ୯ଟି ପଞ୍ଚାୟତର ହଜାର ହଜାର ଲୋକଙ୍କ ଘରଦ୍ୱାର, ଫସଲ ଓ ଜୀବିକା ସମ୍ପୂର୍ଣ୍ଣ ନଷ୍ଟ କରୁଛି।

ଏକଦା ଏହି ନଦୀକୁ ବାଲିଆପାଳର ମାଆ ବୋଲି ସମ୍ବୋଧନ କରାଯାଉଥିଲା। ଏହାର ଉର୍ବର ପଟୁମାଟି ଯୋଗୁଁ ଉପକୂଳ ଅଞ୍ଚଳରେ ଧାନ, ବିରି, ମୁଗ, ଚିନାବାଦାମ, ଝୋଟ ଏବଂ ପନିପରିବା ଚାଷ ବେଶ୍ ଭଲ ହେଉଥିଲା। ମତ୍ସ୍ୟଜୀବୀମାନେ ମଧ୍ୟ ନିଜର ଗୁଜୁରାଣ ମେଣ୍ଟାଉଥିଲେ। କିନ୍ତୁ ଏବେ ପରିସ୍ଥିତି ବଦଳିଛି, ନଦୀ ଲୋକଙ୍କ ଭାତହାଣ୍ଡି ଭାଙ୍ଗିବାରେ ଲାଗିଛି। ଗତ ବର୍ଷ ଆସିଥିବା ଦୁଇ ଦୁଇଟି ପ୍ରଳୟଙ୍କରୀ ବନ୍ୟା ଲୋକଙ୍କ ମେରୁଦଣ୍ଡ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛି। ଦୀର୍ଘ ୩ ମାସ ଧରି ଲୋକେ ଜଳବନ୍ଦୀ ହୋଇ ରହିବା ସହ ପିଇବା ପାଣି ଟୋପାଏ ପାଇଁ ଡହଳବିକଳ ହୋଇଥିଲେ।

ବନ୍ୟାର ମୁଖ୍ୟ କାରଣ ହେଉଛି ନଦୀ ମୁହାଣର ଅବରୋଧ। ଉପରମୁଣ୍ଡରୁ ଆସୁଥିବା ବାଲି ଏବଂ ସମୁଦ୍ର ଜୁଆରର ଲୁଟିବାଲି ଜମା ହୋଇ ମୁହାଣ ପୋତି ହୋଇଯାଇଛି। ଫଳରେ ବନ୍ୟା ଜଳ ସମୁଦ୍ରକୁ ନିଷ୍କାସିତ ହୋଇନପାରି ତଳିଆ ଅଞ୍ଚଳକୁ ମାଡ଼ି ଆସୁଛି। ଏହାଦ୍ୱାରା ଜାମକୁଣ୍ଡା, ବିଷ୍ଣୁପୁର, ବାଲିଆପାଳ, ଅସ୍ତି, ଘଣ୍ଟୁଆ, ଦେବଭୋଗ, ନିଶ୍ଚିରା, କୁମ୍ଭାରି ଓ ଶ୍ରୀରାମପୁର ଆଦି ୯ଟି ଗ୍ରାମପଞ୍ଚାୟତ ବ୍ୟାପକ ପ୍ରଭାବିତ ହେଉଛି। ଏହାସହ ନଦୀବନ୍ଧ ଦୁର୍ବଳ ଥିବାରୁ ପାଣି ଉଛୁଳି ଗାଁରେ ପଶୁଛି।

ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସରକାର 'ସୁବର୍ଣ୍ଣରେଖା ସଂସ୍କାର ଯୋଜନା' ପ୍ରସ୍ତୁତ କରିଥିଲେ। ଏଥିରେ ନଦୀଶଯ୍ୟା ଖନନ ଓ ମୁହାଣ ସଫା କରିବାର ପ୍ରାବଧାନ ଥିଲା। ମାତ୍ର ଦୀର୍ଘ ବର୍ଷ ଧରି ଏହା ଶୀତଳଭଣ୍ଡାରରେ ପଡ଼ିଛି। ସରକାର କେବଳ ଅସ୍ଥାୟୀ ଭାବେ ତ୍ରୁଟିପୂର୍ଣ୍ଣ ପଥର ପ୍ୟାକିଂ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, ଯାହା କେବଳ ଠିକାଦାର ଓ ଯନ୍ତ୍ରୀଙ୍କୁ ସୁହାଉଛି। ତେଣୁ ତୁରନ୍ତ ସଂସ୍କାର ଯୋଜନାକୁ କାର୍ଯ୍ୟକାରୀ କରିବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।

# ପ୍ରଶାସନିକ ଅବହେଳା ଓ ଦୁର୍ନୀତିର ପର୍ଦ୍ଦାଫାଶ

**ସୋର:** ବାଲେଶ୍ୱର ଜିଲ୍ଲା ସୋର ବ୍ଲକ ଅନ୍ତର୍ଗତ ଶ୍ରୀକୃଷ୍ଣପୁର ପଞ୍ଚାୟତରେ ବିକାଶର ନଗ୍ନ ଚିତ୍ର ସାମ୍ନାକୁ ଆସିଛି। ରାଜ୍ୟ ସରକାରଙ୍କ 'ବିଜୁ ସେତୁ ଯୋଜନା' ଅଧୀନରେ ନିର୍ମିତ ଏକ ନୂତନ ରାସ୍ତା ଓ ପୋଲ ନିର୍ମାଣ ଶେଷ ହେବାର ମାତ୍ର ୩ ମାସ ନପୂରୁଣୁ ଧସିଯାଇଛି। ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଏବଂ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ଯୋଗୁଁ ବୃନ୍ଦାବନପୁରଠାରେ ନୂଆ ରାସ୍ତାରେ ବଡ଼ ବଡ଼ ଫାଟ ସୃଷ୍ଟି ହୋଇଛି। ଏଥିସହ ମାଟି ଅତଡ଼ା ଖସିପଡ଼ିବା କାରଣରୁ ଯାତାୟାତ ବାଧାପ୍ରାପ୍ତ ହେବାର ଆଶଙ୍କା ଦେଖାଦେଇଛି।



ସୂଚନା ମୁତାବକ, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୨୦୨୨ ମସିହାରେ ବୃନ୍ଦାବନପୁରରୁ ଗୁଜୁଡ଼ିହା ପର୍ଯ୍ୟନ୍ତ ରାସ୍ତା ଏବଂ ବଡ଼ନାଳ ଉପରେ ଏହି ଗୁରୁତ୍ୱପୂର୍ଣ୍ଣ ସେତୁ ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ପ୍ରକଳ୍ପର ସମୁଦାୟ ଅଟକଳ ମୂଲ୍ୟ ଥିଲା ୧ କୋଟି ୩୯ ଲକ୍ଷ ୮୯ ହଜାର ଟଙ୍କା। ୩୧ ମାର୍ଚ୍ଚ ୨୦୨୨ରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକୁ ୩୦ ନଭେମ୍ବର ୨୦୨୨ ସୁଦ୍ଧା ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଦୀର୍ଘ ଦିନ ଧରି କାମ ଅଧାଗଡ଼ା ହୋଇ ପଡ଼ିରହିବାରୁ ସାଧାରଣ ଲୋକେ ବହୁବାର ହଇରାଣ ହେବା ସହ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ବିଳମ୍ବରେ ହେଲେ ମଧ୍ୟ ଗତ ୩ ମାସ ତଳେ ତରବରିଆ ଭାବେ ନିର୍ମାଣ କାର୍ଯ୍ୟ ଶେଷ କରାଯାଇଥିଲା।

# ଅବ୍ୟବସ୍ଥା ଘେରରେ ବାହାନଗା ଆଦର୍ଶ ବିଦ୍ୟାଳୟ

**ବାହାନଗା:** ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ଜାଗେଶ୍ୱରପଦା ଆଦର୍ଶ ବିଦ୍ୟାଳୟ ଏବେ ଘୋର ଅବ୍ୟବସ୍ଥା ଓ ପ୍ରଶାସନିକ ଉଦାସୀନତା ମଧ୍ୟରେ ଗତି କରୁଛି। ଦୀର୍ଘ ଦିନ ଧରି ଭିତ୍ତିଭୂମି ଥାଇ ମଧ୍ୟ ଅବହେଳା ଯୋଗୁଁ ହଷ୍ଟେଲ ଆରମ୍ଭ ହୋଇପାରିନାହିଁ। ଫଳରେ ଦୂରଦୂରାନ୍ତରୁ ଶିକ୍ଷାଗ୍ରହଣ ପାଇଁ ଆସୁଥିବା ଷଷ୍ଠରୁ ଦଶମ ଶ୍ରେଣୀର ୩୨୬ ଜଣ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ବିଦ୍ୟାଳୟରେ ମୁଖ୍ୟ ଫାଟକ ନିର୍ମାଣ ହୋଇନଥିବାରୁ ପରିସର ମଧ୍ୟରେ ଅସାମାଜିକ ତତ୍ତ୍ୱଙ୍କର ଅବାଧ ପ୍ରବେଶ ବୃଦ୍ଧି ପାଉଛି।



ପ୍ରଥମ ପର୍ଯ୍ୟାୟରେ ଜମି ବିବାଦ ଉପୁଜିଥିବା ବେଳେ ପରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଜାଗେଶ୍ୱରପଦାରେ ତତ୍କାଳୀନ ବିଧାୟକ ପର୍ଶୁରାମ ଧଡ଼ା ଏହାର ଶିଳାନ୍ୟାସ କରିଥିଲେ। ତେବେ ୨୦୨୨ ମସିହାରେ ସ୍ଥାୟୀ ଗୃହ ନଥାଇ ସାଜଗଡ଼ ହାଇସ୍କୁଲରେ ପ୍ରଥମ ବ୍ୟାଚ୍ ପାଠପଢ଼ା ଆରମ୍ଭ ହୋଇଥିଲା। ପରେ ଛାତ୍ର ସଂଖ୍ୟା ବୃଦ୍ଧି ପାଇବାରୁ ଏହାକୁ ପଣ୍ଡାହରିପୁର ପ୍ରାଥମିକ ବିଦ୍ୟାଳୟକୁ ଅସ୍ଥାୟୀ ଭାବେ ସ୍ଥାନାନ୍ତର କରାଯାଇଥିଲା। ଶେଷରେ ୨୦୨୪ ମସିହାରେ ଜାଗେଶ୍ୱରପଦା ଠାରେ ନିର୍ମାଣ ସରିବା ପରେ ପ୍ରଶାସନ ତରବରିଆ ଭାବେ ବିନା ଉଦ୍‌ଘାଟନରେ ପିଲାଙ୍କୁ ସେଠାରେ ପ୍ରବେଶ କରାଇଥିଲେ। ପ୍ରାରମ୍ଭିକ ଅବସ୍ଥାରେ ପିଲାମାନେ କିଛି ମାସ ତଳେ ବସି ପଢ଼ିବା ପରେ ସେମାନଙ୍କୁ ଡେସ୍କ ଓ ବେଞ୍ଚ ମିଳିଥିଲା।

ବର୍ତ୍ତମାନ ସବୁଠାରୁ ବଡ଼ ସମସ୍ୟା ହେଉଛି, ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ପୃଥକ ହଷ୍ଟେଲ ନିର୍ମାଣ ସରିଥିଲେ ସୁଦ୍ଧା ତାହା ଏଯାଏଁ କାର୍ଯ୍ୟକ୍ଷମ ହୋଇପାରିନାହିଁ। ନିର୍ମିତ କୋଠାଗୁଡ଼ିକ ଭୂତକୋଠି ପାଲଟିଥିବା ବେଳେ ଦୂରରୁ ଆସୁଥିବା ପିଲାମାନେ ନିଜ ସୁବିଧାରେ ଦୈନନ୍ଦିନ ଯାତାୟାତ କରି ହନ୍ତସନ୍ତ ହେଉଛନ୍ତି। ଏହାବ୍ୟତୀତ ବିଦ୍ୟାଳୟର ସୁରକ୍ଷା ପାଇଁ ଆଜି ପର୍ଯ୍ୟନ୍ତ ମୁଖ୍ୟ ଫାଟକଟିଏ ନିର୍ମାଣ ହୋଇପାରିନାହିଁ। ସୁରକ୍ଷା ବ୍ୟବସ୍ଥାର ଅଭାବ ଯୋଗୁଁ ଶିକ୍ଷାନୁଷ୍ଠାନ ପରିସର ଏବେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ତୁରନ୍ତ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦୃଢ଼ ଦାବି ହେଉଛି।

ପ୍ରଦେଶ ବାର୍ତ୍ତା



# ଭବାନୀପାଟଣାରେ ବିପର୍ଯ୍ୟସ୍ତ ସ୍ୱେରେଜ୍, ବଢ଼ୁଛି ଜନଅସନ୍ତୋଷ



**ଭବାନୀପାଟଣା:** ଭବାନୀପାଟଣା ମ୍ୟୁନିସିପାଲିଟି ବର୍ତ୍ତମାନ ହୋଲ୍ଡିଂ ଟିକସ ଆଦାୟ କ୍ଷେତ୍ରରେ ନିଜର ତତ୍ପରତା ଓ ଆଗୁଆ ଭୂମିକା ପ୍ରଦର୍ଶନ କରୁଥିବା ବେଳେ, ଅନ୍ୟପକ୍ଷରେ ସହରର ବିପର୍ଯ୍ୟସ୍ତ ସ୍ୱେରେଜ୍ ବ୍ୟବସ୍ଥା ସାଧାରଣ ନାଗରିକଙ୍କ ପାଇଁ ଘୋର ସମସ୍ୟା ସୃଷ୍ଟି କରିଛି। ସାମାନ୍ୟ ବର୍ଷା ହେଲେ ମଧ୍ୟ ସହରର ସମସ୍ତ ୨୦ଟି ୱାର୍ଡର ବିଭିନ୍ନ ରାସ୍ତାଘାଟରେ କୃତ୍ରିମ ବନ୍ୟା ତଥା ଜଳବନ୍ଦୀ ସ୍ଥିତି ଉପୁଜୁଥିବାରୁ, ପୌରପରିଷଦର ପ୍ରଶାସନିକ ଖାମଖିଆଲି ନୀତି ଏବଂ ସ୍ୱେରେଜ୍ ଡିପିଆର୍ ପ୍ରସ୍ତୁତିରେ ଅହେତୁକ ଅବହେଳାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଏବେ ତୀବ୍ର ଅସନ୍ତୋଷର ବାତାବରଣ ଦେଖାଦେଇଛି।

ସୂଚନା ଅନୁଯାୟୀ, ସହରରେ ସମୁଦାୟ ୪୫ କିମି ଡ୍ରେନ୍ ଥିଲେ ସୁଦ୍ଧା ନିର୍ମାଣ ତ୍ରୁଟି ଓ ନିୟମିତ ସଫେଇ ଅଭାବରୁ ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଛି। ଏହାବ୍ୟତୀତ ୨୧୫ କିମି ରାସ୍ତାରେ ଆବଶ୍ୟକ ଡ୍ରେନ୍ ନାହିଁ। ନକଟିଗୁଡ଼ା ଛକଠାରୁ କଲେଜ ଛକ ପର୍ଯ୍ୟନ୍ତ ୫ କିମି ଜାତୀୟ ରାଜପଥ ସମେତ ମାଣିକେଶ୍ୱରୀ ଛକରୁ ଗୋଦାଘାଟ, ଷ୍ଟାଚ୍ୟୁ ବ୍ୟାଙ୍କରୁ ଜେଲଖାନା, ହିଲ୍ ଟାଉନ୍ ଓ ମଦାର ବଗିଚାପଡ଼ା ଆଦି ପୂର୍ତ୍ତ ବିଭାଗ ରାସ୍ତାରେ ବର୍ଷାଜଳ ଜମି ଯାତାୟାତକୁ ପ୍ରଭାବିତ କରୁଛି। ଡ୍ରେନ୍ ଅଭାବରୁ ଷ୍ଟାଚ୍ୟୁ ଛକ ସମ୍ମୁଖ ପୋଷ୍ଟଅଫିସ୍ ରାସ୍ତା ଜଳମଗ୍ନ ହେଉଛି। ଫଳସ୍ୱରୂପ ପରଦେଶୀପଡ଼ା, ହିଲ୍‌ଟାଉନ୍, ଏମ୍‌ଏସ୍‌ଭି ଛକ, ସ୍ୱିପର କଲୋନୀ, ଇରିଗେସନ୍ କଲୋନୀ, ନୂଆପଡ଼ା, ପୁରୁଣାପଡ଼ା, କେନ୍ଦ୍ରୀୟବିଦ୍ୟାଳୟ ପଡ଼ା, ବଡ଼ପଡ଼ା, ଗୋଦାମପଡ଼ା, ତ୍ରୁଟିହାରିପଡ଼ା ଓ ମଦାରବଗିଚାପଡ଼ା ଭଳି ଅଞ୍ଚଳର ବାସିନ୍ଦା ଦୁର୍ଦ୍ଦଶା ଭୋଗୁଛନ୍ତି।

ବେଆଇନ ଜବରଦଖଲ ସମସ୍ୟା ଜଳ ନିଷ୍କାସନ ପ୍ରକ୍ରିୟାକୁ ଆହୁରି ଜଟିଳ କରିଛି। ପିଙ୍ଗଳାନାଳା ଓ ଗୋଦାଘାଟ ନାଳା ଭଳି ପ୍ରାକୃତିକ ଜଳସ୍ରୋତ ଉପରେ ଗୃହ ନିର୍ମାଣ ଯୋଗୁଁ ନିଷ୍କାସିତ ଜଳ ଅବରୋଧ ହେଉଛି, ଯାହା ଟାଉନ୍ ପ୍ଲାନିଂ ଏନଓସି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଡିପିଆର୍ ପ୍ରସ୍ତୁତ କରିବାକୁ ସରକାରୀ ନିର୍ଦ୍ଦେଶ ସତ୍ତ୍ୱେ ବିଭାଗୀୟ ଟାଳଟୁଳ ନୀତି ଯୋଗୁଁ ଏହା କାର୍ଯ୍ୟକାରୀ ହୋଇପାରିନାହିଁ। ତେଣୁ ନୂତନ ଡିପିଆର୍ ଆଧାରରେ ତୁରନ୍ତ ବ୍ୟବସ୍ଥିତ ସ୍ୱେରେଜ୍ ପ୍ରଣାଳୀ କାର୍ଯ୍ୟକାରୀ କରିବା ନିମନ୍ତେ ରାଜ୍ୟ ସରକାର ଦୃଷ୍ଟି ଦେବା ପାଇଁ ଦୃଢ଼ ଦାବି ହେଉଛି।

# ଭବାନୀପାଟଣା ବସ୍‌ଷ୍ଟାଣ୍ଡରେ ଅବ୍ୟବସ୍ଥା

**ଭବାନୀପାଟଣା:** କଳାହାଣ୍ଡି ଜିଲ୍ଲା ସଦର ମହକୁମା ଭବାନୀପାଟଣା ଠାରେ ୧୧ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଘୁମୁରା ଡିଜାଇନର ନୂତନ ବସ୍‌ଷ୍ଟାଣ୍ଡ ଏବେ ବିଭାଗୀୟ ଅବହେଳା ଓ ରକ୍ଷଣାବେକ୍ଷଣ ଅଭାବରୁ ସମ୍ପୂର୍ଣ୍ଣ ଶୋଚନୀୟ ହୋଇପଡ଼ିଛି। ଗତ ୨୦୨୩ ମସିହା ନଭେମ୍ବର ୧ ତାରିଖରେ ତରବରିଆ ଭାବେ ଉଦ୍‌ଘାଟିତ ହେବା ପରେ, ସ୍ଥାନୀୟ ପୌର ପରିଷଦର ନିଷ୍କ୍ରିୟତା କାରଣରୁ ପାନୀୟ ଜଳ, ଆଲୋକ ଏବଂ ନିରାପତ୍ତା ଭଳି ପ୍ରାଥମିକ ସୁବିଧାରୁ ବଞ୍ଚିତ ହୋଇ ଯାତ୍ରୀମାନେ ଦୈନନ୍ଦିନ ହନ୍ତସନ୍ତ ହେଉଛନ୍ତି।

ବସ୍‌ଷ୍ଟାଣ୍ଡ ପରିସରରେ ଯାତ୍ରୀଙ୍କ ସୁବିଧା ପାଇଁ ଥିବା ପାଣି ଫିଲଟର ଦୀର୍ଘ ଦିନରୁ ଅକାମୀ ହୋଇପଡ଼ିଛି, ଫଳରେ ବିଶୁଦ୍ଧ ପାନୀୟ ଜଳ ମିଳିପାରୁନାହିଁ। ଶୌଚାଳୟଗୁଡ଼ିକ ଅତ୍ୟନ୍ତ ଅପରିଷ୍କାର ରହୁଥିବାରୁ ତୀବ୍ର ଦୁର୍ଗନ୍ଧରେ ସେଠାକୁ ଯିବା ସମ୍ଭବ ହେଉନାହିଁ। ଯାତ୍ରୀମାନେ ବିଶ୍ରାମ ନେବା ପାଇଁ ପକାଯାଇଥିବା ଷ୍ଟିଲ୍ ଚେୟାରଗୁଡ଼ିକ ମଧ୍ୟ ଭାଙ୍ଗିରୁଜି ଗଲାଣି। ଗୋଟିଏ ବି ଫ୍ୟାନ୍ ଚାଲୁନଥିବା ବେଳେ ଜଣେ ସ୍ଥାନୀୟ ସମାଜସେବୀ ନିଜ ଆଡ଼ୁ ୨ ଲକ୍ଷ ଟଙ୍କା ପୌର ପରିଷଦକୁ ପ୍ରଦାନ କରିଛନ୍ତି। ତଥାପି ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହି ପ୍ରସଙ୍ଗରେ ନିର୍ବାହୀ ଅଧିକାରୀ ପ୍ରମୋଦ ପାଢ଼ୀ କହିଛନ୍ତି ଯେ ଟେଣ୍ଡର ମାଧ୍ୟମରେ ଫ୍ୟାନ୍ ଲଗାଇବାକୁ ପ୍ରକ୍ରିୟା ଜାରି ରହିଛି।

ରାତ୍ରି ସମୟରେ ଆଲୋକ ଅଭାବରୁ ବସ୍‌ଷ୍ଟାଣ୍ଡରେ ଅନ୍ଧକାର ଛାଇ ରହୁଥିବାରୁ ଏହା ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ମଦ୍ୟପଙ୍କ ଖୋଲାଖୋଲି ଉତ୍ପାତ ଯୋଗୁଁ ଯାତ୍ରୀମାନେ ଅସୁରକ୍ଷିତ ମଣୁଛନ୍ତି ଏବଂ ପୁଲିସ ପ୍ରଶାସନ ନୀରବ ରହୁଛି। ଉପଯୁକ୍ତ ଡ୍ରେନେଜ୍ ବ୍ୟବସ୍ଥା ନଥିବାରୁ ସାମାନ୍ୟ ବର୍ଷା ହେଲେ ଆବର୍ଜନା ମିଶା ପାଣି ଭିତରକୁ ପଶି ଆସୁଛି। ସଫେଇ କର୍ମଚାରୀମାନେ ବାହାର ପରିସରକୁ ଠିକ୍ ଭାବେ ସଫା କରୁନାହାନ୍ତି। ଏଠାରେ ଥିବା ୩୪ଟି ଦୋକାନରୁ ୧୯ଟି ଏବେ ବନ୍ଦ ପଡ଼ିଛି। ସେହିପରି ଓଏସ୍‌ଆରଟିସି ପକ୍ଷରୁ ବସ୍ ଚଳାଚଳ ସମୟ ଘୋଷଣା କରାଯାଉନଥିବାରୁ ସାଧାରଣରେ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି। ପ୍ରଶାସନର ଏଭଳି ଚରମ ଅବହେଳାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ଉଦ୍‌ଘାଟିତ ଟ୍ରକ୍ ଟର୍ମିନାଲ୍ ବିଭାଗୀୟ ଅବହେଳା



**ଭବାନୀପାଟଣା:** କଳାହାଣ୍ଡି ଜିଲ୍ଲା ତଳନାଗିଂଠାରେ ନବନିର୍ମିତ ଟ୍ରକ୍ ଟର୍ମିନାଲ୍ ଗତ ଜୁନ୍ ୧୦ ତାରିଖରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲେ ମଧ୍ୟ ବିଭାଗୀୟ ଅବହେଳା କାରଣରୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ। ପୁଲିସ୍ ହାଉସିଂ ବୋର୍ଡ ଏବଂ ପରିବହନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଏହି ବୃହତ୍ ପ୍ରକଳ୍ପ ଏବେ ତାଲା ପଡ଼ି ଭୂତକୋଠିରେ ପରିଣତ ହୋଇଛି ଏବଂ ସାଧାରଣ ଜନତା ଏହାର ସୁବିଧାରୁ ବଞ୍ଚିତ ହେଉଛନ୍ତି।

ମୟୂରଭଞ୍ଜ ଗସ୍ତ ସମୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ପ୍ରାୟ ୪୫ କୋଟି ୨୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କଳାହାଣ୍ଡିର ତଳନାଗିଂ ଓ ଗଞ୍ଜାମ ଜିଲ୍ଲାର ଗିରିଶୋଲାଠାରେ ଦୁଇଟି ଟ୍ରକ୍ ଟର୍ମିନାଲ୍ ଲୋକାର୍ପିତ ହୋଇଥିଲା। ଉଦ୍‌ଘାଟନକୁ ମାସାଧିକ କାଳ ବିତିଯାଇଥିଲେ ସୁଦ୍ଧା ତଳନାଗିଂ ଟର୍ମିନାଲ୍‌ରେ ନାମଫଳକଟିଏ ଲଗାଇବାକୁ ପ୍ରଶାସନ ଉଚିତ୍ ମଣିନାହିଁ। ଜାତୀୟ ରାଜପଥ-୨୬ ପାର୍ଶ୍ୱରେ ଅବସ୍ଥିତ ଏହି ଅଞ୍ଚଳ ଦେଇ ପ୍ରତିଦିନ ଶହ ଶହ ଟ୍ରକ୍ ଯାତାୟାତ କରୁଥିବା ବେଳେ ଟର୍ମିନାଲ୍ ଅଭାବରୁ ଡ୍ରାଇଭରମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରକଳ୍ପଟି ତୁରନ୍ତ କାର୍ଯ୍ୟକ୍ଷମ ହେବ ବୋଲି ପରିବହନ ବିଭାଗ ଆଶା ବାନ୍ଧିଥିଲା, କିନ୍ତୁ ପୁଲିସ୍ ହାଉସିଂ ବୋର୍ଡ ପକ୍ଷରୁ ଏଯାଏଁ ଆନୁଷ୍ଠାନିକ ଭାବେ ହସ୍ତାନ୍ତର କରାଯାଇ ନଥିବା ସ୍ଥାନୀୟ ଆରଟିଓ ସ୍ପଷ୍ଟ କରିଛନ୍ତି।

ଅନ୍ୟପକ୍ଷରେ, କେବଳ ଏହି ଗୋଟିଏ ପ୍ରକଳ୍ପ ନୁହେଁ, ବରଂ ମୁଖ୍ୟଗୁଡ଼ାରେ ଓଏଚ୍‌ପିସି ପକ୍ଷରୁ ତରବରିଆ ଭାବେ ଉଦ୍‌ଘାଟିତ ହୋଇଥିବା ପମ୍ପ ଷ୍ଟୋରେଜ୍ ପ୍ରକଳ୍ପ ସମ୍ପର୍କରେ ସ୍ଥାନୀୟ ଲୋକପ୍ରତିନିଧି ବା ରାଜନେତାଙ୍କୁ ସାମାନ୍ୟତମ ସୂଚନା ମଧ୍ୟ ଦିଆଯାଇନଥିଲା। କେନ୍ଦ୍ର ଓ ରାଜ୍ୟ ସରକାର ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପର ଶିଳାନ୍ୟାସ ତଥା ଉଦ୍‌ଘାଟନ କରୁଥିବା ବେଳେ, ତୃଣମୂଳ ସ୍ତରରେ ଜିଲ୍ଲା ବିଭାଗୀୟ ଅଧିକାରୀଙ୍କ ଏତାଦୃଶ ଚରମ ଅବହେଳା ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ବିନା କୌଣସି କାର୍ଯ୍ୟକ୍ରମରେ କୋଟି କୋଟି ଟଙ୍କାର ଟ୍ରକ୍ ଟର୍ମିନାଲ୍ କାହିଁକି ହସ୍ତାନ୍ତର ହୋଇପାରିନାହିଁ ଏବଂ ଏହା ପଛରେ କେଉଁ ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲି ମନୋଭାବ ରହିଛି, ତାହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ସାଧାରଣରେ ଦୃଢ଼ ଦାବି ହୋଇଛି।

# ଖଡ଼ିଆଳ ବ୍ଲକରେ ବର୍ଷା ବିଭ୍ରାଟ

**ଖଡ଼ିଆଳ:** ଖଡ଼ିଆଳ ବ୍ଲକ୍ ଗୋଡ଼ସୁଆ ସ୍ଥିତ ସୁନ୍ଦର ନଦୀ ବ୍ରିଜର ସଂଯୋଗ ରାସ୍ତା ଲଗାଣ ବର୍ଷା ଯୋଗୁଁ ଧସିଯାଇ ଏକ ବଡ଼ ଧରଣର ଘାଇ ସୃଷ୍ଟି ହୋଇଛି। ଗତ ୨୦୨୪ ମସିହାରେ ଲୋକାର୍ପିତ ହୋଇଥିବା ଏହି ବ୍ରିଜର ରାସ୍ତା ଖରାପ ହେବା ଫଳରେ ଖଡ଼ିଆଳରୁ ବାହାରି ବିଗିଘାଟ, ଗୋଡ଼ସୁଆ ଓ ଲର୍କୀ ଦେଇ ସିନାପାଲି ପର୍ଯ୍ୟନ୍ତ ଯାଉଥିବା ଏକାଧିକ ଗ୍ରାମର ହଜାର ହଜାର ଲୋକଙ୍କ ନିତିଦିନିଆ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହେବା ଆଶଙ୍କା ଦେଖାଦେଇଛି। ଏହି ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ କ୍ଷେତ୍ରରେ ପ୍ରଶାସନିକ ଟାଳଟୁଳ ନୀତି ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି।

# ଅଧାରେ ଝୁଲୁଛି ଧର୍ମଗଡ଼ ଟାଉନ୍ ହଲ୍ ନବୀକରଣ

**ଧର୍ମଗଡ଼:** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ସହରରେ ଥିବା ରେଡକ୍ରସ୍ ଟାଉନ୍ ହଲ୍‌ର ବହୁ ପ୍ରତୀକ୍ଷିତ ନବୀକରଣ କାର୍ଯ୍ୟ ୨୦୨୪ରୁ ଆରମ୍ଭ ହୋଇଥିଲେ ସୁଦ୍ଧା, ପ୍ରଶାସନିକ ଉଦାସୀନତା ଓ ପାଣି ଅଭାବରୁ ଏବେ ଅଧାରେ ଝୁଲୁଛି। ପୂର୍ତ୍ତ ବିଭାଗର ୧ କୋଟି ୨୨ ଲକ୍ଷ ଟଙ୍କା ବ୍ୟୟ ଅଟକଳର ଏହି ପ୍ରକଳ୍ପର ଭିତର କାମ ବାକି ପଡ଼ିଥିବାରୁ, ସ୍ଥାନୀୟ ବାସିନ୍ଦା ସୁଲଭ ମୂଲ୍ୟରେ ସାମାଜିକ କାର୍ଯ୍ୟକ୍ରମ ଆୟୋଜନରୁ ବଞ୍ଚିତ ହୋଇ ଦୟନୀୟ ଅବସ୍ଥାର ସମ୍ମୁଖୀନ ହେଉଛନ୍ତି।

ସ୍ୱଳ୍ପ ଖର୍ଚ୍ଚରେ କାର୍ଯ୍ୟକ୍ରମ ସମ୍ପାଦନ ପାଇଁ ୨୦୦୪ ମସିହାରେ ତତ୍କାଳୀନ ଉପଜିଲ୍ଲାପାଳ ଭି.କେ. ପାଣ୍ଡିଆନଙ୍କ ସମୟରେ ଏହି ଟାଉନ୍ ହଲ୍ ପାଇଁ ଟେଣ୍ଡର ହୋଇଥିଲା। ୨୦୦୮ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ ଏବଂ ୨୦୧୩ ଜାନୁଆରି ୧୫ରେ ସାଂସଦ ଭକ୍ତ ଚରଣ ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇ ଏହା ରାଜସ୍ୱ ଆଦାୟ କରୁଥିଲା। ମରାମତି ଆବଶ୍ୟକ ହେବାରୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଓ ତତ୍କାଳୀନ ବିଧାୟକ ମୌସଧି ବାଗଙ୍କ ହସ୍ତକ୍ଷେପ ପରେ ୨୦୨୪ରେ ପୁନର୍ବାର ଟେଣ୍ଡର ହୋଇଥିଲା।

# କଳାହାଣ୍ଡି ଦୁର୍ଗମ ଅଞ୍ଚଳରେ ଭୁଶୁଡ଼ିଲା ସ୍ୱାସ୍ଥ୍ୟସେବା



**ଭବାନୀପାଟଣା:** ମୌଳିକ ଭିତ୍ତିଭୂମି ଓ ରାସ୍ତାଘାଟର ଘୋର ଅଭାବ କାରଣରୁ କଳାହାଣ୍ଡି ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ବହୁ ଡାକ୍ତର ପଦବୀ ଖାଲି ପଡ଼ିବା ଏବଂ ଗାଁକୁ ଆମ୍ବୁଲାନ୍ସ ପହଞ୍ଚି ନପାରିବାରୁ ରୋଗୀମାନେ ଖଟିଆରେ ବୁହା ହୋଇ ଡାକ୍ତରଖାନା ଯାଉଛନ୍ତି, ଯାହା ଫଳରେ ଅନେକ ଗର୍ଭବତୀ ଓ ଶିଶୁଙ୍କ ଜୀବନ ଯାଉଛି।

ସରକାରୀ ରିପୋର୍ଟ ଅନୁଯାୟୀ, ଜିଲ୍ଲାର ୫୦୮ଟି ଗାଁକୁ ଏବେବି ରାସ୍ତା ନଥିବାରୁ ୧୦୮ ଆମ୍ବୁଲାନ୍ସ ଯାଇପାରୁନାହିଁ। ଜିଲ୍ଲାରେ ୬୫% ଡାକ୍ତର, ୩୩% ନର୍ସିଂ ଅଫିସର, ୧୬% ଫାର୍ମାସୀ ଅଫିସର ଏବଂ ୪୮% ରେଡିଓଗ୍ରାଫର ପଦବୀ ଖାଲି ପଡ଼ିଛି। ସେହିପରି ଲାବ୍ ଟେକ୍ନିସିଆନ୍ (୬୬%), ପୁରୁଷ ସ୍ୱାସ୍ଥ୍ୟକର୍ମୀ (୬୩%), ମହିଳା ସ୍ୱାସ୍ଥ୍ୟକର୍ମୀ (୪୬%) ସମେତ ଡିଏମଡବ୍ଲ୍ୟୁ କର୍ମଚାରୀ (୧୧%), ଆୟୁଷ ମେଡିକାଲ ଅଫିସର (୨୪%), ଆୟୁଷ ମେଡିକାଲ ଅଫିସର ଆରବିଏସକେ (୩୩%) ଓ ଫାର୍ମାସିଷ୍ଟ ଆରବିଏସକେ (୩୫%) ଭଳି ପଦବୀ ଖାଲି ଅଛି। ଉପଯୁକ୍ତ ଚିକିତ୍ସା ଅଭାବରୁ କେବଳ ୨୦୨୫-୨୬ ମସିହାରେ ୨୨ ଜଣ ଗର୍ଭବତୀ ଓ ୭୫୦ ଶିଶୁଙ୍କ ମୃତ୍ୟୁ ହୋଇଥିଲା ଏବଂ ମ୍ୟାଲେରିଆରେ ମଧ୍ୟ ଅନେକ ପ୍ରାଣ ହରାଉଛନ୍ତି।

ଭୌଗୋଳିକ ଦୃଷ୍ଟିରୁ ଇନ୍ଦ୍ରାବତୀ ଜଳଭଣ୍ଡାର ନିକଟସ୍ଥ ୧୭ଟି ଗାଁର ଲୋକେ ବର୍ଷା ଦିନେ ଜଳବନ୍ଦୀ ରହି କେବଳ ବୋଟ୍ ଆମ୍ବୁଲାନ୍ସ ଉପରେ ନିର୍ଭର କରୁଛନ୍ତି। ଥୁଆମୁଲ ରାମପୁର, ଲାଞ୍ଜିଗଡ଼ ଓ ମଦନପୁର ରାମପୁର ବ୍ଲକର ବିଭିନ୍ନ ଦୁର୍ଗମ ଗାଁରେ ବାଇକ୍ ଆମ୍ବୁଲାନ୍ସ ଥିଲେ ବି ନାଳ ଓ ଖଣ୍ଡିତ ଯୋଗୁଁ ରୋଗୀଙ୍କୁ ପ୍ରଥମେ ଖଟିଆରେ ବୋହିବାକୁ ପଡୁଛି। ଅନ୍ୟପକ୍ଷରେ, ପାନୀୟ ଜଳ, ବିଦ୍ୟୁତ୍ ଓ ମୋବାଇଲ୍ ନେଟୱର୍କ ନଥିବାରୁ ସ୍ୱାସ୍ଥ୍ୟକର୍ମୀମାନେ କ୍ୱାର୍ଟର୍ସରେ ରହୁନାହାନ୍ତି। ଏହି କାରଣରୁ ଲୋକେ ବାଧ୍ୟ ହୋଇ ସ୍ଥାନୀୟ ଝାଙ୍କ୍ରିଙ୍କ ଉପରେ ନିର୍ଭର କରୁଛନ୍ତି ଏବଂ ଅବସ୍ଥା ଗୁରୁତର ହେଲେ ହିଁ ଦୀର୍ଘ ପଥ ଅତିକ୍ରମ କରି ମୁଖ୍ୟ ଡାକ୍ତରଖାନାକୁ ଆସୁଛନ୍ତି। ସରକାର ସ୍ୱାସ୍ଥ୍ୟ କ୍ଷେତ୍ରରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ଏଠାରେ ସ୍ଥିତି ସଙ୍ଗିନ ଥିବାରୁ ତୁରନ୍ତ ପଦକ୍ଷେପ ନେବାକୁ ଦୃଢ଼ ଦାବି ହେଉଛି।

# ବିନା ଯାଞ୍ଚରେ ବୁଲୁଛି ଗ୍ୟାସ ସିଲିଣ୍ଡର, ବିପଦରେ ଉପଭୋକ୍ତା

**ବାଲେଶ୍ୱର:** ବାଲେଶ୍ୱର ସହର ଓ ଏହାର ଆଖପାଖ ଅଞ୍ଚଳରେ ଏବେ ଘରୋଇ ଏଲପିଜି ଗ୍ୟାସ୍ ସିଲିଣ୍ଡର ବିତରଣ ବ୍ୟବସ୍ଥାରେ ଚରମ ଅବହେଳା ଦେଖିବାକୁ ମିଳିଛି। ଡେଲିଭରି କର୍ମଚାରୀମାନେ ଗ୍ରାହକଙ୍କ ଘରେ ସିଲିଣ୍ଡର ପହଞ୍ଚାଇବା ସମୟରେ କୌଣସି ପ୍ରକାର ଲିକେଜ୍ ବା ୱାସର୍ ଯାଞ୍ଚ କରୁନଥିବାରୁ, ପ୍ରତିଦିନ ଅନେକ ଉପଭୋକ୍ତା ବିସ୍ଫୋରଣ ଓ ଅଗ୍ନିକାଣ୍ଡ ଭଳି ବଡ଼ ଧରଣର ବିପଦର ସମ୍ମୁଖୀନ ହେଉଛନ୍ତି। ଏଭଳି ବେପରୁଆ କାର୍ଯ୍ୟକଳାପ ଯୋଗୁଁ ସାଧାରଣ ଗ୍ରାହକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସ୍ଥାନୀୟ ଗ୍ରାହକଙ୍କ ଅଭିଯୋଗ ଅନୁଯାୟୀ, ଅଧିକାଂଶ ସମୟରେ ରୋଷେଇ ଘରେ ସିଲିଣ୍ଡର ସଂଯୋଗ କରିବା ପରେ ହିଁ ଗ୍ୟାସ୍ ଲିକେଜ୍ ହେଉଥିବା ଜଣାପଡୁଛି। କେତେକ କ୍ଷେତ୍ରରେ ଖରାପ ୱାସର୍ ଥିବାରୁ ତାହାକୁ ବଦଳାଇବାକୁ ପଡୁଥିବା ବେଳେ, ଆଉ କେତେକ ଘଟଣାରେ ସମ୍ପୂର୍ଣ୍ଣ ସିଲିଣ୍ଡରଟି ତ୍ରୁଟିପୂର୍ଣ୍ଣ ବାହାରୁଛି। ଫଳରେ ତାହାକୁ ଫେରାଇ ନୂଆ ସିଲିଣ୍ଡର ଆଣିବା ପାଇଁ ଗ୍ରାହକଙ୍କୁ ବାରମ୍ବାର ଏଜେନ୍ସିକୁ ଦୌଡ଼ିବାକୁ ପଡୁଛି। ଏଥିରେ ବହୁମୂଲ୍ୟ ସମୟ ନଷ୍ଟ ହେବା ସହ ଉପଭୋକ୍ତାମାନେ ଅଯଥା ହଇରାଣ ହେଉଛନ୍ତି। କେବଳ ସେତିକି ନୁହେଁ, ଲିକେଜ୍ କାରଣରୁ ମୂଲ୍ୟବାନ ଗ୍ୟାସ୍ ନଷ୍ଟ ହୋଇ ଗ୍ରାହକଙ୍କୁ ଆର୍ଥିକ କ୍ଷତି ମଧ୍ୟ ସହିବାକୁ ପଡୁଛି। ତେଣୁ ଡେଲିଭରି ସମୟରେ ବାଧ୍ୟତାମୂଳକ ଭାବେ ଗ୍ରାହକଙ୍କ ସାମ୍ନାରେ ଓଜନ ଏବଂ ଲିକେଜ୍ ପରୀକ୍ଷା କରିବାକୁ ବୁଦ୍ଧିଜୀବୀମାନେ ଦୃଢ଼ ଦାବି କରିଛନ୍ତି।

ଅନ୍ୟପକ୍ଷରେ, ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ଏଜେନ୍ସିଙ୍କ କହିବା ଅନୁଯାୟୀ, ସେପରି କୌଣସି ଅବହେଳା କରାଯାଉନାହିଁ, ବରଂ ରିଫିଲିଂ ସେଣ୍ଟରରୁ ହିଁ ଏହି ଯାନ୍ତ୍ରିକ ତ୍ରୁଟି ଆସୁଛି। ତେବେ ଗ୍ରାହକଙ୍କ ପାଖରୁ ଅଭିଯୋଗ ଆସିଲେ ତୁରନ୍ତ ମେକାନିକ୍ ପଠାଇ ସମସ୍ୟାର ସମାଧାନ କରାଯାଉଛି ବୋଲି ସେ ସ୍ପଷ୍ଟୀକରଣ ଦେଇଛନ୍ତି। ତଥାପି, ଗ୍ୟାସ୍ କମ୍ପାନୀ ଏବଂ ସମସ୍ତ ବିତରକମାନେ ନିରାପତ୍ତାକୁ ସର୍ବୋଚ୍ଚ ପ୍ରାଥମିକତା ନଦେଲେ ଆଗାମୀ ଦିନରେ ବଡ଼ ଧରଣର ଦୁର୍ଘଟଣାକୁ ଏଡାଇ ଦିଆଯାଇ ନପାରେ ବୋଲି ସାଧାରଣରେ ଚେତାବନୀ ଦିଆଯାଇଛି।

# ବାଲେଶ୍ୱରରେ କୁଢ଼ କୁଢ଼ ଅଳିଆ, ଅସ୍ତବ୍ୟସ୍ତ ସହରବାସୀ

**ବାଲେଶ୍ୱର:** ଦୀର୍ଘ କୋଡିଏ ଦିନରୁ ଊର୍ଦ୍ଧ୍ୱ ସମୟ ଧରି ବାଲେଶ୍ୱର ପୌରାଞ୍ଚଳ ଅନ୍ତର୍ଗତ ୧୭ ନମ୍ବର ୱାର୍ଡ ଟାଉନ୍ ଥାନା ଅଞ୍ଚଳରେ ମ୍ୟୁନିସିପାଲିଟି ପକ୍ଷରୁ ନିୟମିତ ବ୍ୟବଧାନରେ ଅଳିଆ ନଉଠିବା କାରଣରୁ ସ୍ଥାନୀୟ ବାସିନ୍ଦା ତୀବ୍ର ଦୁର୍ଗନ୍ଧରେ ନାହିଁନଥିବା ହନ୍ତସନ୍ତ ହେଉଛନ୍ତି। ଏହିଭଳି ଏକ ସମ୍ବେଦନଶୀଳ ସମସ୍ୟା ଯୋଗୁଁ ରାସ୍ତା ମଝିରେ କୁଢ଼ କୁଢ଼ ଆବର୍ଜନା ଜମା ହୋଇ ରହିଥିବାରୁ ସାଧାରଣ ଲୋକଙ୍କର ଯାତାୟାତ ଏକପ୍ରକାର ଅସମ୍ଭବ ହୋଇପଡ଼ିଛି ଏବଂ ସାଧାରଣରେ ବ୍ୟାପକ



ଅସନ୍ତୋଷ ଦେଖାଦେଇଛି।

କେବଳ ୧୭ ନମ୍ବର ୱାର୍ଡ ନୁହେଁ, ସମ୍ପୂର୍ଣ୍ଣ ସହରର ପ୍ରମୁଖ ରାସ୍ତାଗୁଡ଼ିକରେ ଏବେ ଏଭଳି ସମାନ ଦୃଶ୍ୟ ଦେଖିବାକୁ ମିଳୁଛି। ରାସ୍ତା ଉପରେ ପଡ଼ିଥିବା ଆବର୍ଜନାକୁ ବୁଲା କୁକୁର ଏବଂ ଗୋରୁଗାଈ ଖାଇବା ବାହାନାରେ ଏଣେତେଣେ ଖେଳାଇ ଦେଉଛନ୍ତି। ଫଳରେ ସ୍ଥାନୀୟ ପରିବେଶ ସମ୍ପୂର୍ଣ୍ଣ ପ୍ରଦୂଷିତ ହେବା ସହ ବିଭିନ୍ନ ମାରାତ୍ମକ ରୋଗ ବ୍ୟାପିବାର ଆଶଙ୍କା ସୃଷ୍ଟି ହୋଇଛି।

ଜଣେ ନିୟମିତ ସଫେଇ କର୍ମଚାରୀ ସଡ଼କ ଦୁର୍ଘଟଣାର ଶିକାର ହୋଇଥିବାରୁ ସେ କାମକୁ ଆସିପାରୁନାହାନ୍ତି, ଯାହା ଫଳରେ ଏହି ବିରାଟ ସମସ୍ୟା ଉପୁଜିଛି ବୋଲି ଜଣାଯାଇଛି। ତେବେ ଜନସାଧାରଣଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଖୁବଶୀଘ୍ର ଏହାର ସମାଧାନ ଦିଗରେ ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ସେ ପୌରପାଳିକାକୁ ଜଣାଇଥିବା ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ କେବଳ ଉକ୍ତ ୱାର୍ଡ ନୁହେଁ, ବରଂ ଗାନ୍ଧୀ ସ୍ମୃତି ଭବନ ନିକଟସ୍ଥ ଗୋପବନ୍ଧୁ ପାର୍କ ଠାରେ ମଧ୍ୟ ଦିନ ଦିନ ଧରି ଅଳିଆ ଅବ୍ୟବସ୍ଥିତ ଭାବେ ଜମା ହୋଇ ରହୁଥିବା ଦେଖିବାକୁ ମିଳିଛି, ଯାହାକୁ ନେଇ ସଚେତନ ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପୌରପ୍ରଶାସନ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ତୁରନ୍ତ ପଦକ୍ଷେପ ନଦେଲେ ଆଗାମୀ ଦିନରେ ଜନସାଧାରଣ ବାଧ ହୋଇ ବୃହତ୍ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ପ୍ରଶାସନକୁ କଡ଼ା ଚେତାବନୀ ଦେଇଛନ୍ତି। ପରିମଳ ବିଭାଗର ଏଭଳି ଚରମ ଅବହେଳାକୁ ସବୁ ମହଲରେ ନିନ୍ଦା କରାଯାଉଛି।

# ବାତ୍ୟା ଆଶ୍ରୟସ୍ଥଳୀ ମରାମତିରେ ବ୍ୟାପକ ଦୁର୍ନୀତି

**ଲଙ୍ଗଳେଶ୍ୱର:** ରାଜ୍ୟ ସରକାରଙ୍କ ପକ୍ଷରୁ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଜମ୍ବୀରାଇ ବାତ୍ୟା ଆଶ୍ରୟସ୍ଥଳୀର ନବୀକରଣ ତଥା ମରାମତି ପାଇଁ ଆସିଥିବା ୮ ଲକ୍ଷ ଟଙ୍କାର ବିପୁଳ ଅନୁଦାନକୁ କେବଳ ବାହାରେ ରଙ୍ଗ ମାରି ହଡ଼ପ କରାଯାଇଥିବା ନେଇ



ସାଂଘାତିକ ଅଭିଯୋଗ ଆସିଛି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନତାଙ୍କୁ ଉପଯୁକ୍ତ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ନିର୍ମିତ ହୋଇଥିବା ଏହି ଆଶ୍ରୟସ୍ଥଳୀଗୁଡ଼ିକ ରକ୍ଷଣାବେକ୍ଷଣ ଅଭାବରୁ ଏବେ ନିଜେ ସମ୍ପୂର୍ଣ୍ଣ ଅସୁରକ୍ଷିତ ହୋଇପଡ଼ିଛି। ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ଲୋକପ୍ରତିନିଧିଙ୍କ ମଧୁଚନ୍ଦ୍ରିକାରେ ଏହି ବ୍ୟାପକ ଅର୍ଥ ଲୁଟ୍ ହୋଇଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଗୁରୁତର ଅଭିଯୋଗ ପ୍ରକାଶ କରିଛନ୍ତି।

# ଜମି ଅନୁସୂଚୀ ବିବାଦରେ ଅଟକିଲା ରେଳପଥ



**ଜଳେଶ୍ୱର:** ବହୁ ପ୍ରତୀକ୍ଷିତ ୪୧.୫୬ କିଲୋମିଟର ଦୀର୍ଘ ଜଳେଶ୍ୱର-ଚନ୍ଦନେଶ୍ୱର ରେଳପଥ ପ୍ରକଳ୍ପ କାର୍ଯ୍ୟ ଏବେ 'ଭୂମି ଅନୁସୂଚୀ' ବା ଲ୍ୟାଣ୍ଡ ସିଡ୍ୟୁଲ୍ ସମସ୍ୟା କାରଣରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅଟକି ରହିଛି। ଜମି ମାଲିକଙ୍କ ମୃତ୍ୟୁ ପରେ ସେମାନଙ୍କ ପ୍ରକୃତ ଉତ୍ତରାଧିକାରୀଙ୍କ ନାମ ତହସିଲ ରେକର୍ଡରେ ସଂଶୋଧନ ହୋଇନଥିବାରୁ, ଜଳେଶ୍ୱର ଓ ଭୋଗରାଇ ତହସିଲ ଅଞ୍ଚଳରେ ୩୪୮ ହେକ୍ଟର ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ଆଗେଇ ନେବାରେ ରାଜସ୍ୱ ବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଫଳରେ କେନ୍ଦ୍ର ସରକାରଙ୍କ ଅନୁମୋଦନ ଏବଂ ବିଭାଗୀୟ ସର୍ଭେ ସତ୍ତ୍ୱେ ପ୍ରକଳ୍ପର ଭବିଷ୍ୟତ ବର୍ତ୍ତମାନ ଆଶଙ୍କା ଘେରକୁ ଠେଲି ହୋଇଯାଇଛି।

ପ୍ରକାଶ ଥାଉକି, ୨୦୧୪ ମସିହା ଅକ୍ଟୋବରରେ ରେଳ ବିଭାଗ ପକ୍ଷରୁ ଏହି ପ୍ରକଳ୍ପକୁ ସବୁଜ ସଙ୍କେତ ମିଳିଥିଲା। ଯୋଜନା ଅନୁଯାୟୀ, ଜଳେଶ୍ୱରରୁ ଆରମ୍ଭ ହୋଇ ନାମ୍ପୋ, ନାଟିରା ଓ କୃଷ୍ଣନଗର ଦେଇ ଚନ୍ଦନେଶ୍ୱର ପର୍ଯ୍ୟନ୍ତ ଏହି ନୂତନ ଲାଇନ ବିଛାଯିବ। ଏଥିପାଇଁ ଜଳେଶ୍ୱର ତହସିଲର ୨୭ଟି ଗାଁରୁ ୧୧୬ ହେକ୍ଟର ବ୍ୟକ୍ତିଗତ ଓ ୪ ହେକ୍ଟର ସରକାରୀ ଜମି ଦରକାର। ସେହିପରି ଭୋଗରାଇର ୪୪ଟି ଗାଁରୁ ୨୦୮ ହେକ୍ଟର ବ୍ୟକ୍ତିଗତ ଓ ୨୦ ହେକ୍ଟର ସରକାରୀ ଜମିକୁ ମିଶାଇ ସମୁଦାୟ ୩୪୮ ହେକ୍ଟର ଜମିର ଆବଶ୍ୟକତା ରହିଛି। ୨୦୨୪ ମସିହାରେ ରେଳ ବିଭାଗ ସର୍ଭେ ମ୍ୟାପ୍ ପ୍ରଦାନ କରିଥିଲେ ମଧ୍ୟ 'ଲ୍ୟାଣ୍ଡ ସିଡ୍ୟୁଲ୍' ନବୀକରଣ ନହେବା ଏକ ବଡ଼ ପ୍ରତିବନ୍ଧକ ସାଜିଛି।

ଏହି ପ୍ରକଳ୍ପର ଇତିହାସ ବେଶ୍ ପୁରୁଣା ଓ ସଂଘର୍ଷପୂର୍ଣ୍ଣ। ୨୦୦୯-୧୦ ମସିହାରେ ଏହାର ଡିପିଆର୍ ପ୍ରସ୍ତୁତ ହୋଇଥିବା ବେଳେ ୨୦୧୦-୧୧ରେ ୩୯.୫୬ କୋଟି ଟଙ୍କାର ଅଟକଳକୁ କେନ୍ଦ୍ର ରେଳ ବୋର୍ଡ ମଞ୍ଜୁରୀ ଦେଇଥିଲେ। ସେତେବେଳେ ପଶ୍ଚିମବଙ୍ଗରେ ଆବଶ୍ୟକ ଥିବା ୧୩୭ ଏକର ଜମି ଅଧିଗ୍ରହଣକୁ ନେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଅସହଯୋଗ ଯୋଗୁଁ ଏହା ଶୀତଳଭଣ୍ଡାରକୁ ଚାଲିଯାଇଥିଲା। ଦୀର୍ଘ ବର୍ଷର ନୀରବତା ପରେ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହାକୁ ପୁନର୍ଜୀବିତ କରିଥିଲେ। ହାଓଡ଼ା-ଚେନ୍ନାଇ ରେଳପଥ ସହ ଯୋଡ଼ି ହେବାକୁ ଥିବା ଏହି ନୂତନ ପ୍ରକଳ୍ପ ନିର୍ମାଣ ଦ୍ୱାରା ଓଡ଼ିଶା ଓ ପଶ୍ଚିମବଙ୍ଗର ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ଆସିବା ସହ ସ୍ଥାନୀୟ ଅର୍ଥନୈତିକ ସ୍ଥିତି ସୁଦୃଢ଼ ହେବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ବାରମ୍ବାର ସ୍ଥାନାନ୍ତର ଯୋଗୁଁ ବହୁମୁଖୀ ପ୍ରକଳ୍ପ ବାଟବଣା

**ରେମୁଣା:** ବାଲେଶ୍ୱର ଜିଲ୍ଲାର ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଏବଂ ଅନ୍ୟ ପୀଡ଼ିତଙ୍କ ପାଇଁ ଉଦ୍ଦିଷ୍ଟ ସମନ୍ୱିତ ବହୁମୁଖୀ ପ୍ରକଳ୍ପ (ଆଇଆରସି) ଗତ ସାତ ବର୍ଷ ଧରି କେବଳ ସ୍ଥାନ ନିରୂପଣ ବିବାଦରେ ଛନ୍ଦି ହୋଇ ବାଟବଣା ହୋଇଯାଇଛି। ପ୍ରଶାସନିକ ଖାମଖିଆଲି ମନୋଭାବ ଏବଂ ରାଜନୈତିକ ଇଚ୍ଛାଶକ୍ତିର ଅଭାବ କାରଣରୁ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ବାରମ୍ବାର ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଘୁଞ୍ଚାଯାଉଥିବାରୁ ସାଧାରଣରେ ଏବେ ତୀବ୍ର ଅସନ୍ତୋଷ ମୁଣ୍ଡ ଟେକିଛି।

୨୦୧୯ ମସିହାରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ରେମୁଣା ତହସିଲ ଅନ୍ତର୍ଗତ ଦହପଡ଼ା ମୌଜାରେ ୨୦ ଏକର ଜମି ପ୍ରକଳ୍ପ ପାଇଁ ଚିହ୍ନଟ ହୋଇ ପଟ୍ଟା ପ୍ରଦାନ କରାଯାଇଥିଲା। ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଅର୍ଥ ମଞ୍ଜୁର ହୋଇଥିଲେ ସୁଦ୍ଧା ଅର୍ଥାଭାବ ଦର୍ଶାଇ କାମ ଆଗେଇ ନଥିଲା। ପରବର୍ତ୍ତୀ ସମୟରେ ୨୦୨୨ ମସିହାରେ ଏହାକୁ ରେମୁଣା ବ୍ଲକର ସମଲପୁର ମୌଜାକୁ ସ୍ଥାନାନ୍ତର ପାଇଁ ୧୭.୫ ଏକର ଜମି ଚିହ୍ନଟ ହେଲା। ମାତ୍ର ପ୍ରକଳ୍ପ ପାଇଁ ଆବଶ୍ୟକ ୨୦ରୁ ୨୫ ଏକର ଜମି ବଦଳରେ କମ୍ ଜମି ଥିବାରୁ ଏହା ପୁଣିଥରେ ଅଟକିଗଲା।

ବର୍ତ୍ତମାନ ପୁଣି ଏହି ପ୍ରକଳ୍ପକୁ ନୀଳଗିରି ତହସିଲର ଜାମୁଡିହାକୁ ସ୍ଥାନାନ୍ତର କରିବା ପ୍ରସ୍ତାବ ନୂଆ ବିବାଦ ସୃଷ୍ଟି କରିଛି।

# ନିଲାମ ଅପେକ୍ଷାରେ ଅବକାରୀ ଥାନାରେ ସଢୁଛି ଗାଡ଼ି

**ବାଲେଶ୍ୱର:** ବେଆଇନ ନିଶା କାରବାର ରୋକିବାକୁ ଯାଇ ବାଲେଶ୍ୱର ଜିଲ୍ଲା ଅବକାରୀ ବିଭାଗ ଦ୍ୱାରା ଜବତ ହୋଇଥିବା ୩ ହଜାରରୁ ଊର୍ଦ୍ଧ୍ୱ ଯାନବାହନ ଏବେ ଖୋଲା ଆକାଶ ତଳେ ଖତ ଖାଉଛି। କଠୋର ଆଇନଗତ ଜଟିଳତା ଓ ମାମଲା ବିଚାରାଧୀନ ଥିବାରୁ ଏହି ଗାଡ଼ିଗୁଡ଼ିକର ନିଲାମ କିମ୍ବା ସ୍କ୍ରାପ୍ ପ୍ରକ୍ରିୟା ଅଟକି ରହିଛି। ଫଳରେ ଜିଲ୍ଲାର ସମସ୍ତ ଅବକାରୀ ଥାନାଗୁଡ଼ିକ ଏବେ ଏକ ଅଘୋଷିତ ଗାଡ଼ି ଗୋଦାମରେ ପରିଣତ ହୋଇଛି।



ରାଜ୍ୟକୁ ନିଶାମୁକ୍ତ କରିବା ଦିଗରେ ବିଭିନ୍ନ ପଦକ୍ଷେପ ସତ୍ତ୍ୱେ ବାଲେଶ୍ୱର ଜିଲ୍ଲାରେ ବ୍ରାଉନସୁଗାର ଭଳି ମାରାତ୍ମକ ନିଶାଦ୍ରବ୍ୟ ଚୋରାଚାଲାଣ ବୃଦ୍ଧି ପାଉଛି। ପଡ଼ୋଶୀ ପଶ୍ଚିମବଙ୍ଗ ସୀମା ଓ ୧୬ ନମ୍ବର ଜାତୀୟ ରାଜପଥର ସୁବିଧା ଯୋଗୁଁ ନିଶା ବେପାରୀମାନେ ନିଜର ଅପରାଧିକ ସାମ୍ରାଜ୍ୟ ବିସ୍ତାର କରୁଛନ୍ତି। ଅବକାରୀ ଓ ପୁଲିସ ବିଭାଗର ମିଳିତ ଚଢ଼ାଉ ବେଳେ ବହୁ ନିଶା ମାଫିଆ ଧରାପଡ଼ିବା ସହ ବାଇକ୍, ସ୍କୁଟି, କାର୍, ଟେମ୍ପୋ ଓ ଟ୍ରକ୍ ଭଳି ବହୁ ଗାଡ଼ି ଜବତ ହେଉଛି। ମାଲଖାନାରେ ସ୍ଥାନ ଅଭାବରୁ ଏହି ଗାଡ଼ିଗୁଡ଼ିକ ଥାନା ପରିସରରେ ଗଦା ହୋଇ ରହିବା ସହ ସ୍ଥାନାଭାବ ଯୋଗୁଁ ଗାଡ଼ି ଉପରେ ଗାଡ଼ି ଲଦା ହୋଇ ରଖାଯାଇଛି।

ଅବକାରୀ ଆଇନର ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଥିବାରୁ, କୋର୍ଟଙ୍କ ଚୂଡ଼ାନ୍ତ ରାୟ ନଆସିବା ଯାଏଁ ଏହି ଜବତ ଗାଡ଼ିଗୁଡ଼ିକୁ ନିଲାମ କରିବା ସମ୍ଭବପର ହେଉନାହିଁ। ବର୍ଷ ବର୍ଷ ଧରି ଖରା, ବର୍ଷା ଓ ଶୀତରେ ପଡ଼ିରହିବା ଫଳରେ ଏହିସବୁ ମୂଲ୍ୟବାନ ଯାନବାହନର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଲାଣି। ଗାଡ଼ିଗୁଡ଼ିକ ଉପରେ ମାଟି ଜମି ବୁଦା ଓ ଲତା ମାଡ଼ିଯିବା ସହ ଏହା ଏବେ ବିଷାକ୍ତ ସାପ ଓ ସରୀସୃପଙ୍କ ବାସସ୍ଥାନ ପାଲଟିଛି, ଯାହା ଥାନାକୁ ଆସୁଥିବା ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି କରୁଛି। ଥାନା ପରିସରକୁ ବିପଦମୁକ୍ତ ରଖିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା କରାଯାଇ ଜବତ ଗାଡ଼ିଗୁଡ଼ିକୁ ତୁରନ୍ତ ସ୍ଥାନାନ୍ତର କରିବା ପାଇଁ ସାଧାରଣରେ ଦୃଢ଼ ଦାବି ହେଉଛି।

ପ୍ରଦେଶ ବାର୍ତ୍ତା

# ନବନିର୍ମିତ ରେମୁଣା-ସାଆନ୍ତା ରାସ୍ତା ଏବେ ମରଣଯନ୍ତା



**ରେମୁଣା:** ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ୍ ଅନ୍ତର୍ଗତ ରେମୁଣା-ସାଆନ୍ତା ଗ୍ରାମ୍ୟ ଉନ୍ନୟନ ରାସ୍ତା ନିର୍ମାଣର ମାତ୍ର ବର୍ଷକ ଭିତରେ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ୫ ବର୍ଷର ମରାମତି ଅବଧି ଥିଲେ ସୁଦ୍ଧା ଅଦ୍ୟାବଧି ରାସ୍ତାର ପୁନରୁଦ୍ଧାର ହେଉନାହିଁ, ଯାହା ଫଳରେ ସୋମନାଥପୁର ଶିଳ୍ପାଞ୍ଚଳ ଦେଇ ଯାତାୟାତ କରୁଥିବା ଶତାଧିକ ଲୋକ ପ୍ରତିଦିନ ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି।

୨୦୨୧ ସେପ୍ଟେମ୍ବର ମାସରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ୨.୨୧୬ କିଲୋମିଟର ବିଶିଷ୍ଟ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ୨୦୨୪ ଶେଷ ଆଡ଼କୁ ସମ୍ପୂର୍ଣ୍ଣ ହୋଇଥିଲା। ସରକାରୀ ଚୁକ୍ତିନାମା ଅନୁଯାୟୀ, ୨୦୨୬ ମସିହା ପର୍ଯ୍ୟନ୍ତ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ସମ୍ପୃକ୍ତ ଠିକାଦାରଙ୍କ ଉପରେ ନ୍ୟସ୍ତ। ତଥାପି, ନିମ୍ନମାନର କାର୍ଯ୍ୟ ଏବଂ ଶିଳ୍ପାଞ୍ଚଳରୁ ବେଆଇନ ଭାବେ ଯାତାୟାତ କରୁଥିବା ଓଜନଦାର ଭାରୀଯାନ ଯୋଗୁଁ ଗ୍ରାମ୍ୟ ରାସ୍ତାଟି ବଡ଼ ଖାଲଖମାରେ ପରିଣତ ହୋଇଛି। ସାମାନ୍ୟ ବର୍ଷା ହେଲେ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହୁଛି ଏବଂ କାଦୁଅ ପଚପଚ ଅବସ୍ଥା ଯୋଗୁଁ ନରହରିପୁର ସ୍କୁଲ ଛାତ୍ରଛାତ୍ରୀ ତଥା ସାଧାରଣ ପଥଚାରୀଙ୍କ ପାଇଁ ଏହା ଏବେ ବିପଦ ସୃଷ୍ଟି କରୁଛି।

ନରହରିପୁର ଗ୍ରାମ୍ୟ ମେଳା ସମ୍ପାଦକ ରବିନାରାୟଣ ପତି ଓ ଦୁଷ୍ମନ୍ତ କୁମାର ଦାସ କ୍ଷୋଭ ପ୍ରକାଶ କରି କହିଛନ୍ତି ଯେ, ଶିଳ୍ପାଞ୍ଚଳର ଟ୍ରକ୍‌ଗୁଡ଼ିକ ନରହରିପୁର ବାଇପାସ୍ ଦେଇ ଏହି ରାସ୍ତାକୁ ବ୍ୟବହାର କରୁଥିବାରୁ ଏଭଳି ଦୟନୀୟ ଅବସ୍ଥା ଉପୁଜିଛି। ଅନ୍ୟପକ୍ଷରେ, ସୋମନାଥପୁର ଶାନ୍ତି କମିଟି ସଭାପତି ଧୀରେନ୍ଦ୍ର କୁମାର ମହାପାତ୍ର ଗତ ଫେବୃଆରୀ ୧୪ରେ ଖୋଦ୍ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଲିଖିତ ଦାବି କରିଥିଲେ ମଧ୍ୟ ପ୍ରଶାସନ ନିଦାବିଷ୍ଟ ସାଜିଛି। ପ୍ରଶାସନ ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ବାଧ୍ୟ ହୋଇ ବ୍ୟାପକ ରାସ୍ତାରୋକ କରାଯିବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି।

# ଅଚଳ ସ୍ମାର୍ଟବୋର୍ଡ, ଶିକ୍ଷକବିହୀନ କମ୍ପ୍ୟୁଟର ଲ୍ୟାବ୍



**ବାଲେଶ୍ୱର୍:** ରାଜ୍ୟ ସରକାରଙ୍କ ୫-ଟି ଉପକ୍ରମରେ ବାଲେଶ୍ୱର ଜିଲ୍ଲାର ରୂପାନ୍ତରିତ ସ୍କୁଲଗୁଡ଼ିକରେ ଡିଜିଟାଲ ଶିକ୍ଷା ବ୍ୟବସ୍ଥା ଏବେ ସମ୍ପୂର୍ଣ୍ଣ ବାଟବଣା ହୋଇପଡ଼ିଛି। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ କମ୍ପ୍ୟୁଟର ଲ୍ୟାବ୍ ଏବଂ ଇ-ଲାଇବ୍ରେରୀ ଥିଲେ ମଧ୍ୟ ପ୍ରଶିକ୍ଷିତ ଶିକ୍ଷକଙ୍କ ଅଭାବ, ରକ୍ଷଣାବେକ୍ଷଣର ତ୍ରୁଟି ଓ ନିୟମିତ ବିଦ୍ୟୁତ୍ କାଟ୍ ଯୋଗୁଁ ଛାତ୍ରଛାତ୍ରୀମାନେ ଏହି ଆଧୁନିକ ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି।

ଜିଲ୍ଲାର ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଏବଂ ପୌରାଞ୍ଚଳର ୧୦ଟି ସ୍କୁଲକୁ ୫-ଟିରେ ସାମିଲ କରାଯାଇ ପ୍ରତି ସ୍କୁଲ ପିଛା ୪୫ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଥିଲା। ଏହି ଅର୍ଥରେ ସ୍ମାର୍ଟ କ୍ଲାସରୁମ୍, ଇ-ଲାଇବ୍ରେରୀ, ବିଜ୍ଞାନଗାର ଓ କ୍ରୀଡ଼ା ଭିତ୍ତିଭୂମିର ବିକାଶ କରାଯାଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲେ ହେଁ, ବର୍ତ୍ତମାନ ଚିତ୍ର ସମ୍ପୂର୍ଣ୍ଣ ଓଲଟା। ଜିଲ୍ଲା ସ୍କୁଲ, ଟାଉନ୍ ହାଇସ୍କୁଲ, ପୁଲିସ ହାଇସ୍କୁଲ ଓ ବାରବାଟୀ ହାଇସ୍କୁଲ ଭଳି ପ୍ରମୁଖ ବିଦ୍ୟାଳୟରେ ଉପକରଣଗୁଡ଼ିକ ଖରାପ ହୋଇ ପଡ଼ିରହିଛି।

ଉଦାହରଣସ୍ୱରୂପ, ବାଲେଶ୍ୱର ଜିଲ୍ଲା ସ୍କୁଲରେ ଥିବା ୫ଟି ସ୍ମାର୍ଟବୋର୍ଡ ମଧ୍ୟରୁ ମାତ୍ର ଗୋଟିଏ କାର୍ଯ୍ୟକ୍ଷମ ଥିବାବେଳେ ଅନ୍ୟଗୁଡ଼ିକ ଅଚଳ। ସେହିପରି ଟାଉନ୍ ହାଇସ୍କୁଲରେ ୪ଟି ସ୍ମାର୍ଟବୋର୍ଡ ରହିଥିଲେ ସୁଦ୍ଧା ଅଧିକାଂଶ ସମୟରେ ଏହାର ବ୍ୟବହାର ହେଉନାହିଁ। ସବୁଠାରୁ ଦୁଃଖଦ ବିଷୟ ହେଉଛି, ୭ଟି କମ୍ପ୍ୟୁଟର ଥିବା ଲ୍ୟାବ୍ ପାଇଁ କୌଣସି ନିର୍ଦ୍ଦିଷ୍ଟ ଶିକ୍ଷକ ନାହାନ୍ତି। ଫଳରେ ପିଲାମାନେ ନିଜ ନିଜ ଭିତରେ ପଚରାଉଚରା କରି ଶିଖିବାକୁ ବାଧ୍ୟ ହେଉଛନ୍ତି। ଏହାବ୍ୟତୀତ, ଅଧିକାଂଶ ଶିକ୍ଷକ ସ୍ମାର୍ଟବୋର୍ଡ ବ୍ୟବହାର କରିବାରେ ଉପଯୁକ୍ତ ତାଲିମ ପାଇନାହାନ୍ତି। ଗ୍ରାମାଞ୍ଚଳ ସ୍କୁଲଗୁଡ଼ିକରେ ଇନଭର୍ଟର ନଥିବାରୁ ବିଦ୍ୟୁତ୍ କାଟ୍ ସମୟରେ ପାଠପଢ଼ା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି।

ପ୍ରଶାସନିକ ଉଦାସୀନତା ଓ ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ସରକାରଙ୍କ ବିପୁଳ ଅର୍ଥ ବ୍ୟୟ ସତ୍ତ୍ୱେ ଡିଜିଟାଲ୍ ଶିକ୍ଷାର ମୂଳ ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। ଏଭଳି ସମସ୍ୟାର ଆଶୁ ସମାଧାନ ହେବା ନିହାତି ଆବଶ୍ୟକ ବୋଲି ମତପ୍ରକାଶ ପାଇଛି।

# ଅର୍ଥାଭାବରୁ ବନ୍ଦ ୩୨ ସ୍ୱାସ୍ଥ୍ୟକେନ୍ଦ୍ରର ବିଦ୍ୟୁତକରଣ



**ବାଲେଶ୍ୱର:** ବାଲେଶ୍ୱର ଜିଲ୍ଲାର ଗ୍ରାମାଞ୍ଚଳରେ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟରେ ନିର୍ମିତ ୩୨ଟି ନୂତନ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଏବେ ଅର୍ଥାଭାବରୁ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ବିଦ୍ୟୁତକରଣ କାମ ଅଟକି ରହିଥିବାରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି କୋଠାଗୁଡ଼ିକୁ ସ୍ୱାସ୍ଥ୍ୟ ବିଭାଗକୁ ଆନୁଷ୍ଠାନିକ ଭାବେ ହସ୍ତାନ୍ତର କରିପାରୁନାହିଁ, ଫଳରେ ଗ୍ରାମାଞ୍ଚଳର ରୋଗୀସେବା ଗୁରୁତର ଭାବେ ବ୍ୟାହତ ହେବା ସହ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରାପ୍ତ ସୂଚନା ଅନୁଯାୟୀ, ଗୃହ ନିର୍ମାଣର ଅନ୍ୟ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ବହୁ ପୂର୍ବରୁ ଶେଷ ହୋଇସାରିଥିଲେ ମଧ୍ୟ କେବଳ ବିଦ୍ୟୁତ ସଂଯୋଗ ଅଭାବରୁ ଏଗୁଡ଼ିକ ଖାଲି ପଡ଼ିଛି। ବିନା ବିଦ୍ୟୁତରେ ସ୍ୱାସ୍ଥ୍ୟ ଉପକରଣ ବ୍ୟବହାର କିମ୍ବା ରୋଗୀଙ୍କୁ ସେବା ପ୍ରଦାନ କରିବା ଆଦୌ ସମ୍ଭବପର ନୁହେଁ। ତେଣୁ ଏହି ସମସ୍ୟାର ତୁରନ୍ତ ସମାଧାନ କରି ଆବଶ୍ୟକ ପାଣ୍ଠି ଯୋଗାଇଦେବାକୁ ଭୁବନେଶ୍ୱର ସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ (ଇଲେକ୍ଟ୍ରିକାଲ ଡିଭିଜନ) ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଏକ ସ୍ୱତନ୍ତ୍ର ପତ୍ର ଲେଖିଛନ୍ତି। ପ୍ରତ୍ୟେକ ଉପକେନ୍ଦ୍ରରେ ବିଦ୍ୟୁତକରଣ ସମ୍ପୂର୍ଣ୍ଣ କରିବା ପାଇଁ ପ୍ରାୟ ୫ ଲକ୍ଷ ଟଙ୍କା ଲେଖାଏଁ ଖର୍ଚ୍ଚ ହେବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି।

ବାଲେଶ୍ୱର-୧ ଓ ୨ ଡିଭିଜନ ଅଧୀନରେ ଥିବା ଏହି ସମସ୍ତ ୩୨ଟି ସ୍ୱାସ୍ଥ୍ୟ କେନ୍ଦ୍ର ଜିଲ୍ଲାର ଭୋଗରାଇ, ସୋର, ବସ୍ତା, ଜଳେଶ୍ୱର, ସିମୁଳିଆ, ରେମୁଣା, ସଦର ଏବଂ ବାହାନଗା ବ୍ଲକର ବିଭିନ୍ନ ସ୍ଥାନରେ ଅବସ୍ଥିତ। ବିଶେଷକରି ଭୋଗରାଇର କଣ୍ଡାଡା, ଚନ୍ଦନେଶ୍ୱର, କୁମାରଗଡ଼ିଆ, ସୋରର ଔପଦା, ଜଳେଶ୍ୱରର ଅରୁହା, ରେମୁଣାର ଗଣେଶ୍ୱରପୁର ଏବଂ ସଦର ବ୍ଲକର ଆଲୁମେଦା, ସାହାସପୁର ଭଳି ଅନେକ ଗ୍ରାମରେ ଲୋକେ ପ୍ରାଥମିକ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି। ବିଭିନ୍ନ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ନିର୍ବାଚିତ ଜନପ୍ରତିନିଧିମାନେ ମଧ୍ୟ ଏହି ବିଳମ୍ବକୁ ନେଇ ବାରମ୍ବାର କ୍ଷୋଭ ପ୍ରକାଶ କରିଛନ୍ତି। ଗ୍ରାମାଞ୍ଚଳରେ ଏହି ଉପକେନ୍ଦ୍ରଗୁଡ଼ିକ ମୌଳିକ ସ୍ୱାସ୍ଥ୍ୟସେବାର ମୁଖ୍ୟ ଆଧାର ହୋଇଥିବାରୁ, ସରକାର ତୁରନ୍ତ ଅର୍ଥ ମଞ୍ଜୁର କରି କାର୍ଯ୍ୟ ଶେଷ କରିବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।

# ସୋରରେ ଠିକାଦାରଙ୍କ ମନମୁଖୀ ଓ ନିମ୍ନମାନର କାମ

**ସୋର:** ବାଲେଶ୍ୱର ଜିଲ୍ଲା ସୋର ଅଞ୍ଚଳରେ ପୂର୍ତ୍ତ ବିଭାଗ ଅଧୀନରେ ଚାଲିଥିବା ବିଭିନ୍ନ ବିକାଶମୂଳକ ପ୍ରକଳ୍ପରେ ଏବେ ବ୍ୟାପକ ତ୍ରୁଟି ଓ ଦୁର୍ନୀତି ଦେଖିବାକୁ ମିଳିଛି। ବିଭାଗୀୟ କୋହଳ ନୀତି ଏବଂ ପରିଚାଳନାଗତ ତ୍ରୁଟିର ସୁଯୋଗ ନେଇ ଠିକାଦାରମାନେ ଖୋଲାଖୋଲି ଭାବେ ନିମ୍ନମାନର କାମ କରୁଛନ୍ତି। ଅଧିକାରୀମାନଙ୍କୁ କୌଣସି ଖାତିର ନକରି ଠିକାଦାରମାନେ କୋଟି କୋଟି ଟଙ୍କାର ସରକାରୀ ପ୍ରକଳ୍ପକୁ ବାଟବଣା କରୁଥିବା ବେଳେ ସାଧାରଣ ଲୋକେ ଦୀର୍ଘ ଦିନ ଧରି ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।ମିଳିଥିବା ସୂଚନା ଅନୁଯାୟୀ, ନିକଟରେ ନିର୍ମିତ ଅନନ୍ତପୁର-ସୋର-କୁପାରୀ ୪୦ କିମି ରାସ୍ତାରେ ନିମ୍ନମାନର କାମ ଯୋଗୁଁ ଲୋକେ ବିରୋଧ କରିଥିଲେ ମଧ୍ୟ ପ୍ରଶାସନ ନିରବ। ଫଳରେ ରାସ୍ତା ଏବେଠାରୁ ଫାଟି ଆଁ କଲାଣି। ସେହିପରି ସୋର ପୌରାଞ୍ଚଳ କଲେଜ ଛକରୁ ୧ କିମି ରାସ୍ତା ପାଇଁ ୧୭୮ଟି ବିରାଟ ଗଛ କଟାଯିବା ସହ ସାଢେ ୫ କୋଟିରୁ ଅଧିକ ଖର୍ଚ୍ଚ ହୋଇଛି, କିନ୍ତୁ କେବଳ ଗୋଟିଏ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ହୋଇଛି। ୯ କୋଟି ବ୍ୟୟରେ ନିର୍ମାଣାଧୀନ ୯ କିମି ସୋର-ମାଣିପୁର ରାସ୍ତା ସମ୍ପୂର୍ଣ୍ଣ ନହେଉଣୁ ଖାଲଖମା ସୃଷ୍ଟି ହୋଇଛି। ଏହାଛଡ଼ା ବଡଖୁରୀ ଛକରୁ ପଦ୍ମପୋଖରୀ ଓ ଘେଡେଇ ଛକରୁ ମାଟିଆପାଳ ପର୍ଯ୍ୟନ୍ତ ୨ କୋଟି ୯୨ ଲକ୍ଷ ୮ ହଜାର ୫୨୨ ଟଙ୍କାର କାମ ଅତ୍ୟନ୍ତ ନିମ୍ନମାନର ହୋଇଛି।

# ୪ କୋଟିର ରାସ୍ତା ଦୁଇ ବର୍ଷରେ ଶୋଚନୀୟ



**ରୂପସା:** ବାଲେଶ୍ୱର ଜିଲ୍ଲା ରୂପସା ଅଞ୍ଚଳରେ ପ୍ରାୟ ୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ମାତ୍ର ଦୁଇ ବର୍ଷ ମଧ୍ୟରେ ଭାଙ୍ଗିରୁଜି ସମ୍ପୂର୍ଣ୍ଣ ଶୋଚନୀୟ ହୋଇପଡ଼ିଛି। ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ଏବଂ ଅତି ନିମ୍ନମାନର କାର୍ଯ୍ୟ ଯୋଗୁଁ ରାସ୍ତାର ଏଭଳି ଦୁର୍ଦ୍ଦଶା ଘଟିଥିବା ବେଳେ, ରକ୍ଷଣାବେକ୍ଷଣ ଅଭାବରୁ ଯାତାୟାତ କ୍ଷେତ୍ରରେ ଲୋକଙ୍କ ନାହିଁ ନଥିବା ଅସୁବିଧା ସୃଷ୍ଟି ହୋଇଛି ଏବଂ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ପୂର୍ବତନ ସରକାରଙ୍କ କାର୍ଯ୍ୟକାଳ ସମୟରେ ରୂପସା ବଗଜଟିଆ ପୋଲଠାରୁ ଆଗ୍ରିଆ ଗ୍ରାମ ଦେଇ ୬୦ ନମ୍ବର ଜାତୀୟ ରାଜପଥ ପୁକନଶି ଛକ ପର୍ଯ୍ୟନ୍ତ ଏହି ବୃହତ୍ ପ୍ରକଳ୍ପ ଆରମ୍ଭ ହୋଇଥିଲା। ସରକାରୀ ତଥ୍ୟ ଏବଂ ସୂଚନା ଫଳକ ଅନୁଯାୟୀ, ଏହି ପ୍ରକଳ୍ପ ପାଇଁ ମୋଟ ୩ କୋଟି ୯୦ ଲକ୍ଷ ୩୯ ହଜାର ଟଙ୍କା ବିନିଯୋଗ କରାଯାଇଛି। ସୂଚନା ଫଳକରେ ରାସ୍ତାର ଦୈର୍ଘ୍ୟ ୫.୩ କିଲୋମିଟର ବୋଲି ସ୍ପଷ୍ଟ ଉଲ୍ଲେଖ ଥିଲେ ସୁଦ୍ଧା, ବାସ୍ତବରେ ତାହା ଢେର କମ୍ ଅଛି ବୋଲି ଲୋକେ ଅଭିଯୋଗ ଆଣିଛନ୍ତି।ରାସ୍ତା ନିର୍ମାଣର ସମୟସୀମାକୁ ନେଇ ମଧ୍ୟ ଅନେକ ପ୍ରଶ୍ନବାଚୀ ସାମ୍ନାକୁ ଆସିଛି। ୨୦୨୨ ମସିହାରେ କାର୍ଯ୍ୟ ସମ୍ପନ୍ନ ହେବାର ଲକ୍ଷ୍ୟ ରଖାଯାଇଥିଲା, କିନ୍ତୁ କାର୍ଯ୍ୟରେ ଅହେତୁକ ବିଳମ୍ବ ଘଟି ୨୦୨୫ ଶେଷ ଆଡ଼କୁ ଏହା କୌଣସି ମତେ ଶେଷ କରାଯାଇଥିଲା। ତେବେ ଉଦ୍‌ଘାଟନର ମାତ୍ର କିଛି ମାସ ନପୁରୁଣୁ ଏହି ନୂତନ ରାସ୍ତାର ସ୍ଥିତି ବିଗିଡ଼ି ଯାଇଥିଲା ଏବଂ ବର୍ତ୍ତମାନ ଏହା ନିତିଦିନିଆ ଯାତାୟାତ ପାଇଁ ଆଦୌ ଉପଯୋଗୀ ହୋଇ ରହିନାହିଁ।

ଏହି ପରିପ୍ରେକ୍ଷୀରେ ଠିକାଦାରଙ୍କ ଖାମଖିଆଲି ମନୋଭାବ ଏବଂ ଦାୟିତ୍ୱରେ ଥିବା ନିର୍ବାହୀ ଯନ୍ତ୍ରୀଙ୍କ ଭୂମିକା ଉପରେ ସନ୍ଦେହ ଉପୁଜିଛି। ସରକାରୀ ନିୟମ ମୁତାବକ ନିର୍ମାଣ କାର୍ଯ୍ୟ ସରିବାର ୫ ବର୍ଷ ପର୍ଯ୍ୟନ୍ତ ରାସ୍ତାର ରକ୍ଷଣାବେକ୍ଷଣ ଦାୟିତ୍ୱ ଠିକାଦାରଙ୍କର ଅଟେ। କିନ୍ତୁ ରାସ୍ତା ସମ୍ପୂର୍ଣ୍ଣ ଖରାପ ହୋଇଯାଇଥିଲେ ବି ଏଯାବତ୍ କୌଣସି ମରାମତି ପଦକ୍ଷେପ ନିଆଯାଇନାହିଁ। ପ୍ରଶାସନର ଏଭଳି ଉଦାସୀନତା ଓ ସରକାରୀ ଅର୍ଥର ଲୁଟ୍ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ବୃଦ୍ଧି ପାଉଛି।

This Periodical is published by Ranjita Das from Tulanka Sahi, VTC. : Baleshwar Sadar, P.O.: Motiganj, Dist-Baleshwar, PIN-756003, Odisha, E-mail: pradeshbartta@gmail.com, Mobile: 9777776304, on behalf of Ranjita Das, edited by Ranjita Das and Printed by Sudhir Kumar Panda at Gayatri Industries, TS 3/193, Mancheswar Industrial Estate, Khorda, Odisha-751010

ସମ୍ପାଦକ: ରଞ୍ଜିତା ଦାସ

Editor: Ranjita Das